# ଯାଉଛି ଫଗୁଣ ଆସୁଛି ଚୈତ୍ର; ନିମ୍ବକଢ଼ର ଆଦର ବଢୁଛି

**କୋକସରା, ୨୧।୩(ସମିସ)**

ଏବେ ଫଗୁଣ ଯିବାକୁ ବସିଥିବା ବେଳେ ଆସୁଛି ଚୈତ୍ର ମାସ। ଏହାରି ଭିତରେ ଗଛମାନଙ୍କରେ ଭର୍ତ୍ତି ହୋଇ ରହିଛି ନିମ୍ବକଢ଼। ଫଗୁଣର ଶେଷ ଓ ଚୈତ୍ରର ଆରମ୍ଭ ସମୟରେ ନିମ୍ବକଢ଼ର ଯଥେଷ୍ଟ ଆଦର ରହିଥାଏ। ଏହି ସମୟରେ ନିମ୍ବକଢ଼ର ଭଜା ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହି ବିଶ୍ୱାସ କେଉଁ ଏକ ଆବାହମାନକାଳରୁ ଚଳି ଆସୁଛି। ବର୍ତ୍ତମାନ କୋକସରା ଅଞ୍ଚଳରେ ନିମ୍ବକଢ଼ର ଯଥେଷ୍ଟ ଆଦର ରହିଥିବା ଦେଖାଯାଇଛି। ଏହା ସବୁ ସ୍ଥାନରେ ସହଜରେ ତଥା ବିନା ପଇସାରେ ଉପଲବ୍ଧ ହେଉଥିବାରୁ ଧନି, ଗରିବ ନିର୍ବିଶେଷରେ ସବୁ ବର୍ଗର ଲୋକ ରୁଚି ଅନୁସାରେ ଲିମ୍ବ ଫୁଲର ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇଥାନ୍ତି। ତେବେ ନିମ୍ବକଢ଼ରେ ବିଭିନ୍ନ ବ୍ୟଞ୍ଜନ ହେଉଥିଲେ ମଧ୍ୟ ପଖାଳ ସହ ନିମ୍ବକଢ଼ ଭଜା ଖାଇବାର ମଜା ନିଆରା। ଲିମ୍ବ ଫୁଲ ଔଷଧୀୟ ଗୁଣରେ ଭରପୂର। ଚର୍ମ ସମସ୍ୟା ଏବଂ ମଧୁମେହ ପାଇଁ ଆୟୁର୍ବେଦରେ ଏହି ଫୁଲ ବହୁଳ ମାତ୍ରାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବକଢ଼ ମଧ୍ୟ ଅନ୍ତନଳୀ ଏବଂ କୃମି ସମସ୍ୟା ପାଇଁ ଲାଭଦାୟକ ହୋଇଥାଏ। ଶରୀରରେ ପିତ୍ତକୁ କମ୍ କରିବା ପାଇଁ ଆୟୁର୍ବେଦରେ ଲିମ୍ବ ଫୁଲ ବ୍ୟବହାର କରାଯାଏ। ନିମ୍ବକଢ଼ ଶରୀରର ଉତ୍ତାପ ଏବଂ ପିତ୍ତକୁ ହ୍ରାସ କରେ। ଯଦି ଶରୀରରେ ପିତ୍ତ ବଢ଼ିଯାଏ ତେବେ ଲିମ୍ବ ଫୁଲର ପାଣି ପିଇବା କିମ୍ବା ନିମ୍ବକଢ଼କୁ ଚୋବାଇ ଖାଇବା ଦ୍ୱାରା ଏହା ପ୍ରଶମିତ ହୋଇଥାଏ। ନିମ୍ବକଢ଼ର ଆଣ୍ଟିସେପ୍ଟିକ୍ ଗୁଣ ଅଛି, ତେଣୁ ଏହା ଚର୍ମ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ମଧୁମେହ ରୋଗୀଙ୍କ ପାଇଁ ନିମ୍ବକଢ଼ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିମ୍ବକଢ଼ରେ ଆଣ୍ଟିଡାଏବେଟିକ୍ ଗୁଣ ରହିଛି। ଏହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ସୁଗାର ସ୍ତର ହ୍ରାସ କରିବା ପାଇଁ ଆୟୁର୍ବେଦରେ ଏହି ଫୁଲ ବ୍ୟବହାର କରାଯାଏ। ବର୍ଷକୁ ବର୍ଷ ଚୈତ୍ର ମାସରେ ଲିମ୍ବ ଫୁଲ ଭଜା ଖାଇ ଆସିଥିବା ଓଡ଼ିଆଙ୍କ ହାଣ୍ଡିଶାଳରେ ଆଜି ମଧ୍ୟ ଏହାର ଆଦର କମିନାହିଁ। ନିମ୍ବ ଫଳ କୋକସରା ବ୍ଲକର ମହିଳାମାନଙ୍କୁ ସାମୟିକ ରୋଜଗାର ଯୋଗାଇ ଦେଇଥାଏ। ବୈଶାଖ ଓ ଜ୍ୟେଷ୍ଠ ମାସରେ ଗ୍ରାମାଞ୍ଚଳର ମହିଳାମାନେ ଗଛରୁ ପାଚି ପଡ଼ିଥିବା ଲିମ୍ବ ଫଳ ସଂଗ୍ରହ କରି ବିକ୍ରି କରିଥାନ୍ତି। ତେବେ ଲିମ୍ବ ଫଳର ଯଥେଷ୍ଟ ଚାହିଦା ଥିବାବେଳେ ବ୍ୟବସାୟୀମାନେ ଏହାକୁ ଶାଗମାଛ ଦରରେ କିଣି ଅଧିକ ମୂଲ୍ୟରେ ବିକ୍ରି କରିଥାନ୍ତି। ଲିମ୍ବ ଫଳ ଗୋଟାଇବାରେ ଯେତିକି ପରିଶ୍ରମ କରିବାକୁ ପଡ଼େ ତାହା ତୁଳନାରେ କମ୍ ପ୍ରାପ୍ୟ ମିଳିଥାଏ। ଏହାର ବଜାର ଦର ବିଶେଷ ନ ଥିବାରୁ ଗରିବ ଲୋକ ଓ ମହିଳାମାନେ ବାଧ୍ୟ ହୋଇ ଏହାକୁ କମ୍ ମୂଲ୍ୟରେ ବିକ୍ରି କରିଥାନ୍ତି।



# ଜାତୀୟ ଉଷୁ ପ୍ରତିଯୋଗିତାରେ କଳାହାଣ୍ଡିର ୨ ଖେଳାଳି



**ଭବାନୀପାଟଣା,୨୧।୩(ସମିସ):** ଆସନ୍ତା ୨୬ରୁ ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଜାମ୍ମୁ ବିଶ୍ୱବିଦ୍ୟାଳୟଠାରେ ହେବାକୁ ଥିବା ୨୩ତମ ଜାତୀୟ ସବ ଜୁନିଅର ଉଷୁ ଚାମ୍ପିଅନସିପରେ କଳାହାଣ୍ଡିର ଦୁଇ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଉଷୁ ଖେଳାଳି ଭୌମିକ ଭରଦ୍ୱାଜ ଭୋଇ ଏବଂ ପୃଥିବୀରାଜ ଉରାଶଙ୍କର ଟାଉଲୁ ଇଭେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। ଉଭୟ ଖେଳାଳି କୋଚ କୃଷ୍ଣଚନ୍ଦ୍ର ସାହୁଙ୍କ ସହିତ ଆସନ୍ତା ୨୩ ତାରିଖରେ ଓଡ଼ିଶା ଉଷୁ ଦଳ ସହିତ ଜାମ୍ମୁ ଯାତ୍ରା କରିବେ। ଦୁଇ ଖେଳାଳି ଓଡ଼ିଶା ରାଜ୍ୟକୁ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିବେ ବୋଲି କୋଚ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଖେଳାଳି ଦ୍ୱୟଙ୍କୁ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଶୁଭେଚ୍ଛା ଜଣାଇଛନ୍ତି।

# ବେଲଗାଁ ଆଶ୍ରମର ବାର୍ଷିକ ଉତ୍ସବ

**କୋମନା, ୨୧।୩(ସମିସ):** କୋମନା ବ୍ଲକ ବେଲଗାଁ ଆଶ୍ରମରେ ଗୁରୁବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଶ୍ରମର ପ୍ରଧାନଶିକ୍ଷକ ହରଦେବ ହଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଭାଗ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟକୁମାର ଭୋଇ, ସମ୍ମାନିତ ଅତିଥି ଅନୁସୂଚିତ ଜାତି ଓ ଜନଜାତି ବିଭାଗ କୋମନା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ଧରୁଆ, ସ୍ଥାନୀୟ ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, ରଜନା ସୋମନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଯୋଷୀ, ଠୁଟିବର ଆଶ୍ରମ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ପଲସଦା ଆଶ୍ରମ ପ୍ରଧାନଶିକ୍ଷୟିତ୍ରୀ ଝରାମଣି ଦେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟସିଂ କରୁଆଁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଗଗନ ବିହାରୀ ଅଗସ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉକ୍ତ ବିଦ୍ୟାଳୟର ଶିକ୍ଷକ କାମାକ୍ଷା ପ୍ରସାଦ ମାଝୀ, ଧନୁର୍ଦ୍ଧର ମାଝୀ, ଇନ୍ଦ୍ରମଣି ବେମାଲ ଓ ଝରଣା ସାହୁ ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଓ ଅଭିଭାବକ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



# ପାଇପ୍ ଫାଟି ରାସ୍ତାରେ ବୋହୁଛି ପାଣି

**କେସିଙ୍ଗା, ୨୧।୩(ସମିସ):** ରାଜ୍ୟ ସରକାର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ଖାମଖିଆଲ ମନୋଭାବ ଯୋଗୁଁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଅନେକ ସ୍ଥାନରେ ପାଇପ ଫାଟି ଯାଇଥିବାରୁ ହଜାର ହଜାର ଲିଟର ପାଣି ନଷ୍ଟ ହେବା ସହ ରାସ୍ତାରେ ପାଣି ଭାସୁଛି। ସହରର ଇଲେକ୍ଟ୍ରି ଅଫିସ ପାଖରେ ପାଇପ ଫାଟି ବର୍ଷ ତମାମ ପାଣି ବୋହୁଥିବା ସହ ଜାତୀୟ ରାଜପଥ ମଧ୍ୟ ଖରାପ ହେଉଛଇ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ମରାମତି କାର୍ଯ୍ୟ ହେଉ ନ ଥିବା ବେଳେ ଅପରପକ୍ଷରେ ପାଣି ବୋହି ଜାତୀୟ ରାଜପଥ ନଷ୍ଟ ହେଉଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ରାସ୍ତା ମରାମତି କରିବାର ନାଁ ଗନ୍ଧ ଧରୁନାହାନ୍ତି। ଫଳରେ ଜନ ଅସନ୍ତୋଷ ବ୍ୟାପିବାରେ ଲାଗିଛି। କେସିଙ୍ଗା ୱାର୍ଡ ନ ୯ ପାଢ଼ୀ କଲୋନୀରେ ଆଜକୁ ମାସେ ହେଲାଣି ପାଇପ ଫାଟି ରାସ୍ତାରେ ପାଣି ବୋହୁଛି। ସହରର ଅନେକ ସ୍ଥାନରେ ପାଇପ ଜଳ ଯୋଗାଣ ସଠିକ ଢ଼ଙ୍ଗରେ ହେଉ ନଥିବାରୁ ଲୋକେ ପାଣି ସମସ୍ୟା ଭୋଗୁଛନ୍ତି। ଅଥଚ ପାଇପ ଫାଟି ବହୁ ପରିମାଣର ପାଣି ନଷ୍ଟ ହେଉଛି। ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ପାଞ୍ଚ/ଛଅ ଜଣ କର୍ମଚାରୀ ଥିଲେ ମଧ୍ୟ ସେମାନେ ଘରୋଇ କାମ କରି ପଇସା ରୋଜଗାର କରିବାରେ ବ୍ୟସ୍ତ ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। କେବଳ ଲୋକ ଦେଖାଣିଆ ଜାଗାରେ ପାଇପ ଫାଟିଲେ ମରାମତି କରୁଥିବା ବେଳେ ଗଳିକନ୍ଦିରେ ପ୍ରତିଦିନ ହଜାର ହଜାର ଲିଟର ପାଣି ନଷ୍ଟ ହେଉଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



# କେୱାଇସି ଅପ୍‌ଡେଟ୍ ପାଇଁ ଗ୍ୟାସ୍ ଅଫିସ୍‌ରେ ଭିଡ଼

**କୋକସରା, ୨୧।୩(ସମିସ):** ଉଜ୍ୱାଲା ଯୋଜନା ହିତାଧିକାରୀଙ୍କୁ ୫ହଜାର ଟଙ୍କା ମିଳୁଥିବା ନେଇ ଗତ କିଛିଦିନ ହେବ ଏକ ଗୁଜବ ସୃଷ୍ଟି ହୋଇଛି। ଲୋକେ ଏହି ଗୁଜବକୁ ସତ ବୋଲି ଭାବି ନେଇଥିବା ବେଳେ ଗ୍ୟାସ୍ ଅଫିସରେ ଭିଡ଼ ଲଗାଉଛନ୍ତି। ତେବେ ଏହି ଗୁଜବରୁ କୋକସରା ଅଞ୍ଚଳର ଲୋକେ ମଧ୍ୟ ବର୍ତ୍ତିପାରି ନାହାଁନ୍ତି। ଏହାକୁ ସତ ବୋଲି ଭାବି ବିଭିନ୍ନ ଅଞ୍ଚଳର ମହିଳାମାନେ ସକାଳୁ ଗ୍ୟାସ୍ ଅଫିସରେ ପହଞ୍ଚି ଯାଉଛନ୍ତି। ଗତ କିଛି ଦିନ ହେବ ଆମପାଣି ସ୍ଥିତ ଗ୍ୟାସ୍ ଅଫିସରେ ମହିଳାଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ତେବେ ଆସିଥିବା ମହିଳାଙ୍କୁ ପଚାରିଲେ ଆଧାର ଓ କେୱାଇସି ଅପଡେଟ କଲେ ୫ ହଜାର ଟଙ୍କା ମିଳୁଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଗ୍ୟାସ୍ ଅଫିସର କର୍ମଚାରୀ ମାନଙ୍କ କହିବା ଅନୁସାରେ ବର୍ତ୍ତମାନ ଆଧାର କେୱାଇସି ଅପଡେଟ ଚାଲିଛି। ୫ ହଜାର ଟଙ୍କା ମିଳୁଥିବା କଥା ଏକ ଗୁଜବ ଅଟେ, ଏହାଙ୍କୁ ବିଶ୍ୱାସ ନ କରିବା ପାଇଁ ସେମାନେ କହିଛନ୍ତି। ତେବେ ନିର୍ବାଚନ ସମୟ ଥିବାରୁ ଲୋକଙ୍କୁ ହଇରାଣରେ ପକାଇବା ପାଇ କିଛି ଖଳ ପ୍ରଭୃତିର ବ୍ୟକ୍ତି ଏଭଳି ଗୁଜବ ସୃଷ୍ଟି କରିଥିବା ସଚେତନ ନାଗରିକମାନେ ପ୍ରକାଶ କରିଛନ୍ତି।

- ୫ ହଜାର ଟଙ୍କା ଗୁଜବକୁ ବିଶ୍ୱାସ ନ କରିବା ଅନୁରୋଧ




# କୋକସରା ବ୍ଲକ୍‌ରେ କାର୍ଯ୍ୟରେ ଯୋଗଦେଲେ ୬ ନୂତନ ପିଇଓ

**କୋକସରା, ୨୧।୩(ସମିସ):** କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଦୀର୍ଘ ଦିନରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଦବୀ ଖାଲି ରହିଥିଲା। ଫଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଗୁରୁବାର ବ୍ଲକରେ ଆଉ ୬ ଜଣ ପିଇଓ ନୂତନ ଭାବେ ଯୋଗ ଦେଇଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୂଚନା ଦେଇଛନ୍ତି। ନୂତନ ଭାବେ ଯୋଗ ଦେଇଥିବା ୬ ପିଇଓ ହେଉଛନ୍ତି ଯୋଗେଶ୍ୱର ବେମାଲ, ଦିଲେଶ୍ୱର ଚଲାନ, ପ୍ରଦୀପ ସାହୁ, ଦୀପକ ନାଏକ, ମାନସ ବିଶି ଓ ଚନ୍ଦନ ମେହେର। ପୂର୍ବରୁ ବ୍ଲକର ୨୨ଗୋଟି ପଞ୍ଚାୟତରେ ୧୨ଜଣ ପିଇଓ ରହିଥିଲେ। ନୂତନ ଭାବେ ୬ ଜଣ ପିଇଓ ଯୋଗଦେବା ପରେ ଆଉ ୪ଟି ପିଇଓ ପଦବୀ ଖାଲି ରହିଛି।

# ମାରୱାଡ଼ି ସମାଜ ପକ୍ଷରୁ ଶ୍ୟାମଜୀ ମହୋତ୍ସବ



**ମ.ରାମପୁର,୨୧।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ମାରୱାଡ଼ି ସମାଜ ତରଫରୁ ଶ୍ୟାମଜୀ ମହୋତ୍ସବ ତଥା ଫାଲଗୁନ ଏକାଦଶୀ ପାଳନ କରାଯାଇଛି। ଏହି ଅବସରରେ ମାରୱାଡ଼ି ସମାଜ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ମହୋତ୍ସବ ପାଳନରେ ଆନନ୍ଦ ଅଗ୍ରୱାଲ, ଦୀଲିପ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ନସିବ ଜିନ୍ଦଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ ମାରୱାଡ଼ି ସମାଜର ସମସ୍ତ ବର୍ଗର ପୁରୁଷ, ମହିଳା ଉପସ୍ଥିତ ରହିଥିବା ବେଳେ ସନ୍ଧ୍ୟାରେ ଶ୍ୟାମଜୀଙ୍କ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମାଜର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

# ଅନୁସୂଚିତ ଜାତି ଏବଂ ଜନଜାତି ଅତ୍ୟାଚାର ନିବାରଣ ଆଇନ ସଚେତନତା ଶିବିର

**କେସିଙ୍ଗା, ୨୧।୩(ସମିସ):** ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ଅଦାଲତ ପରିସରରେ ଅନୁସୂଚିତ ଜାତି ଓ ଜନଜାତିଙ୍କ (ଅତ୍ୟାଚାର ନିବାରଣ) ଅଧିନିୟମ ବିଷୟ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନସେବା ସମିତି ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌମ୍ୟରଞ୍ଜନ ମିଶ୍ର, ଓକିଲ ସଂଘ ସଂପାଦକ ଆଲୋକ ରଂଜନଦାସ, ଆଇନଜୀବୀ ସନ୍ତୋଷ କୁମାର ଦାସ, ଆଇନଜୀବୀ ମନୋଜ ନାଗ, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପାରାଲିଗାଲ ସ୍ୱେଚ୍ଛାସେବୀ, ସାଧାରଣ ଜନତା ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ବାଲିଘାଟ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଭବାନୀପାଟଣା, ୨୧।୩(ସମିସ):** କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ବାଲି ମାଫିଆଙ୍କ ମନମାନି ବଢ଼ିବା ସହ ବାଲି ଚୋରା ଚାଲାଣ ବୃଦ୍ଧି ହେବାରେ ଲାଗିଛି। ଗୁରୁବାର ଠେମରା ଗାଁର ୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ବାଲିଘାଟ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଯେତେ ମାତ୍ରାରେ ବାଲି ଖନନ ହେବା କଥା ତାଠୁ ଅଧିକ ଗଭୀର ପର୍ଯ୍ୟନ୍ତ ବାଲି ଖୋଳି ନିଆଯାଉଛି। ଫଳରେ ଗାଧୋଇବାକୁ ଯିବା ଲୋକ ପାଣିରେ ବୁଡିବାର ସମ୍ଭାବନା ରହିଛି। ଯଦି କେହି ବାଲି ଘାଟର ମାଲିକଙ୍କୁ ଅଭିଯୋଗ କଲେ ସେ କାହାରି କଥା କର୍ଣ୍ଣପାତ କରୁନାହାନ୍ତି। ଖଣି ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେମାନେ ନୀରବତା ଅବଲମ୍ବନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହା ଉପରେ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ କାହାକୁ ବାଲି ଉଠେଇବାକୁ ଦେବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ବିଶ୍ୱ ବନ ଦିବସ ପାଳିତ

**କେସିଙ୍ଗା, ୨୧।୩(ସମିସ):** କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୟୁଥ୍ ଏବଂ ଇକୋ କ୍ଲବ ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ସଭାପତିତ୍ୱ କରି ବୃକ୍ଷରୋପଣର ମହତ୍ତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ନାୟକ ତାଙ୍କ ବକ୍ତବ୍ୟରେ ବୃକ୍ଷର ରକ୍ଷକ କିପରି ମନୁଷ୍ୟ ହୋଇପାରିବ ସେ ସମ୍ପର୍କ ରେ କହିବା ସହିତ ସମସ୍ତେ ଘରେ ଗୋଟିଏ ଲେଖାଁଏ ଗଛ ଲଗାଇବାକୁ ଶପଥ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ରୁନିଷା ପ୍ରଧାନ ଓ ଇକୋ କ୍ଲବ ଇନ୍‌ଚାର୍ଜ ଶିକ୍ଷକ ସୁନିଲ କୁମାର ପାତ୍ର ବିଶ୍ୱ ବନ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଏହାର ସଂରକ୍ଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ଲେଖିବା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# କାଳବୈଶାଖୀ ଉଜାଡ଼ିଲା ପନିପରିବା ଓ ଡାଲିଜାତୀୟ ଫସଲ





- ୧୯ ହେକ୍ଟର ଡାଲିଜାତୀୟ ଫସଲ ନଷ୍ଟ
- ଚିନ୍ତାରେ ଚାଷୀ

**ଲଡୁଗାଁ, ୨୧।୩(ସମିସ)**

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାରଠାରୁ କୋକସରା ବ୍ଲକରେ ବର୍ଷା ଲାଗି ରହିଛି। ଫଳରେ ଅମଳକ୍ଷମ ଅବସ୍ଥାରେ ଥିବା ଡାଲିଜାତୀୟ ଫସଲ ମୁଗ, ବିରି, ଚଣା, ହରଡ଼ ସହ ପନିପରିବା ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଥିବା କୋକସରା ବ୍ଲକ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। କୋକସରା ବ୍ଲକର ଅନେକ ପଞ୍ଚାୟତରେ ଜଳସେଚନ ସୁବିଧା ନ ଥିବା କାରଣରୁ ଏହି ସେ ଅଞ୍ଚଳର ଚାଷୀମାନେ ଖରିଫ ଚାଷ ଅମଳ ପରେ ମୁଗ, ବିରି, ଚଣା, ଅଳସି, ସୂର୍ଯ୍ୟମୁଖୀ ଭଳି ଡାଲିଜାତୀୟ ଓ ତୈଳବୀଜ ଜାତୀୟ ଚାଷ ସହ ପନିପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଅଦିନିଆ କାଳବୈଶାଖୀ ବର୍ଷା ଓ କୁଆପଥର ମାଡ଼ରେ ଚାଷୀଙ୍କ ଚାଷ ନଷ୍ଟ ହୋଇଛି।

ବ୍ଲକର କାଉଡୋଳା, ଲଡୁଗାଁ, ବଡ଼ ପୋଡ଼ାଗୁଡା, ବରାଡଙ୍ଗା, ମୁଷପାଳି, ଡାଲଗୁମା ଗମ୍ଭାରୀଗୁଡା, ଖୁଣ୍ଟିଆ, ଗୋତମୁଣ୍ଡା, ମହିମା, ଫୁଫଗାଁ ପଞ୍ଚାୟତରେ ଡାଲିଜାତୀୟ, ତୈଳବୀଜ ଓ ପନିପରିବା 'ସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ଚାଷି। ବ୍ଲକ କୃଷି ବିଭାଗ ର ସୂଚନା ଅନୁସାରେ ବ୍ଲକ ରେ ଚଳିତ ବର୍ଷ ୫୫୩୩ ହେକ୍ଟର ରେ ଡାଲିଜାତୀୟ ଚାଷ ସୂଚନା ମିଳିଛି। ତେବେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଆକଳନ କରି କୃଷି ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ବ୍ଲକର ବିଭିନ୍ନ ଅଞ୍ଚଳରେ ୧୯ ହେକ୍ଟରରେ ଡାଲିଜାତୀୟ ଫସଲ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ମିଳିଛି। ଆମେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବୁ, ତା ଉପରେ ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√କୃଷ୍ଣପ୍ରୀୟା ମିଶ୍ର
ଆବିର୍ଭାବ: ୦୯.୦୮.୧୯୫୪ | ତିରୋଧାନ: ୧୭.୦୩.୨୦୨୨
ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତ୍ରଣା ଆମକୁ ଆନ୍ଦୋଳିତ କରୁଛି। ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା।
ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ।

# ଗାଁଠୁ ସହର: 'ବୁଜ୍‌ଲି' ମଦର ସବୁଠି ଚାହିଦା

**ବଲାଙ୍ଗିର, ୨୧ା୩(ସମିସ)**

ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସ ବିଭାଗ ପାଇଁ ଏବେ ମୁଣ୍ଡବିନ୍ଧା ସାଜିଛି ଅପମିଶ୍ରିତ ମଦ। କମ ଦାମରେ ଅଧିକ ନିଶା ପାଇଁ ଏବେ ଜିଲ୍ଲାର ଗାଁ ଗହଳିରେ ବୁଜଲି ମଦ ବା ରନ୍ଧାମଦର ଅପମିଶ୍ରଣ କରି ପଲିଥିନ

## କମ ଦାମରେ ଅଧିକ ନିଶା, ବଢ଼ିଛି ବେଆଇନ ବେପାର

ପ୍ୟାକେଟରେ ବିକ୍ରି କରାଯାଉଛି। ଏହାଦ୍ୱାରା ମଦର ବନ୍ୟା ଛୁଟୁଥିବା ବେଳେ ଏଥିରେ ଦେଶୀ ଭାଟିର ପାଉଚ ମଦ ବିକ୍ରି କମିଥିବା ଜଣାପଡ଼ିଛି। ଏପଟେ ବିଭାଗ ରାଜସ୍ୱ ହରାଉଛି; ଅନ୍ୟପଟେ ଅପମିଶ୍ରିତ ମଦ ଯୋଗୁଁ ଜୀବନ ହାନି ଘଟୁଥିବା ଅଭିଯୋଗ ହୋଇଛି। ଏମିତିରେ କେବଳ ଅବକାରୀ ବିଭାଗ ଅଭିଯୋଗ ଆସିଲେ ଏହି ମଦ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ବାନ୍ଧି ଜେଲ୍ ପଠାଇବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲାର ଛୋଟ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଏହି ଅପମିଶ୍ରିତ ସ୍ଥାନୀୟ ମଦର ଚାହିଦା ରହିଥିବା ବେଳେ ଏହା ଏବେ ଜୀବନ ନେଉଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ରହିଛି। ବିଭିନ୍ନ ସମୟରେ ବେଆଇନ ମଦ କାରବାର ଅଭିଯୋଗରେ ଧରାପଡ଼ିଥିବା ମଦ ବେପାରୀଙ୍କ ପାଖରୁ ବହୁ ପରିମାଣର ଅପମିଶ୍ରିତ ମଦ



ଜବତ ହେଉଛି। ନିଜ ଦୋଷ ଲୁଚାଇବା ପାଇଁ ଅବକାରୀ ବିଭାଗ ଏହି ସୂଚନା ପ୍ରଘଟ କରୁ ନଥିବା ବେଳେ ବର୍ତ୍ତମାନ ଏହା ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପୂର୍ବରୁ ଦେଶୀ ମଦ ଭାଟିଙ୍କ ଛତ୍ରଛାୟା ତଳେ ସବୁ ଗାଁରେ କୁଚିଆ ମଦ ବେପାରୀ ରହିଥିଲେ। ଯେଉଁମାନେ ଭାଟିରେ ତିଆରି ମଦ ପାଉଚ ବିକ୍ରି କରୁଥିଲେ; କିନ୍ତୁ ଗତ କିଛି ମାସ ହେଲା ଏହି କୁଚିଆ ମଦ ବେପାରୀମାନେ ଅପମିଶ୍ରିତ ମଦ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହି ମଦରେ କ୍ଷତିକାରକ ସାମଗ୍ରୀ ମିଶାଯାଉଥିବା ବେଳେ ଏହାକୁ ସେବନ କରୁଥିବା ମଦୁଆଙ୍କ ଶରୀରରେ ଏହା ଧିରବିଷ ଭଳି କାମ କରିଥାଏ। ଏହି ମଦ ପିଇବାର କିଛି ମାସ ଭିତରେ ଜୀବନ ହରାଇବାର ଯଥେଷ୍ଟ ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ଏନେଇ କୌଣସି ପ୍ରକାର ଠୋସ ଅଭିଯୋଗ କିମ୍ବା ପ୍ରମାଣର ଅଭାବ ଯୋଗୁଁ ବଡ଼ଧରଣର ଘଟଣା ସାମ୍ନାକୁ ଆସିନାହିଁ।

କମ ଦାମରେ ଅଧିକ ନିଶା ଯୋଗୁ ଲୋକେ ଏହାକୁ ଅଧିକ ପରିମାଣରେ ସେବନ କରୁଥିବା ଅଭିଯୋଗ ହୋଇଛି। ପରିଣାମ ସ୍ୱରୂପ ମଦ ପିଇ ମୃତ୍ୟୁ ହେଉଥିବା ଲୋକଙ୍କ ସଂଖ୍ୟା ଏହି ଦୁଇ ବର୍ଷ ଭିତରେ ବହୁ ପରିମାଣରେ ବଢ଼ିଥିବା ଜଣାପଡ଼ିଛି। ଏ ବିଷୟରେ ପୁଲିସ, ଅବକାରୀ ବିଭାଗ ପାଖରେ ସୂଚନା ରହିଥିବା ବେଳେ ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମଦ ପିଇ ତତକ୍ଷଣାତ ମୃତ୍ୟୁ ହେଉ ନଥିବା ବେଳେ ବିଷାକ୍ତ ମଦର କୌଣସି ଅଭିଯୋଗ ମଧ୍ୟ ନାହିଁ। ଏହି ମଦ ଶରୀରର ଅନ୍ୟ ଅଙ୍ଗକୁ ପ୍ରଭାବିତ କରୁଥିବାରୁ ମୃତ୍ୟୁ ହେଉଛି। ତେବେ, ମୃତ୍ୟୁର କାରଣ ମଦ ବୋଲି ମଧ୍ୟ ସ୍ପଷ୍ଟ ହେଉନାହିଁ। ଫଳରେ ଏହା ବିରୋଧରେ ସେହିଭଳି କୌଣସି ବଡଧରଣର ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ମଦ ଯୋଗୁ ଦେଶୀ ମଦ ରାଜସ୍ୱ ପ୍ରଭାବିତ ହେଉଥିବା ବିଷୟକୁ ସ୍ୱୀକାର କରିଛନ୍ତି ବଲାଙ୍ଗିର ଜିଲ୍ଲା ଅବକାରୀ ଅଧୀକ୍ଷକ। ଏନେଇ କୌଣସି ଅଭିଯୋଗ କିମ୍ବା ସୂଚନା ମିଳିଲେ ସଙ୍ଗେ ସଙ୍ଗେ ଚଢଉ କରାଯାଉଥିବା ବେଳେ ହଜାର ହଜାର ଲିଟର ମଦ ଜବତ ହୋଇସାରିଥିବା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ପ୍ରତିକ୍ରିୟାରେ କହିଛନ୍ତି। ଏହି ଅପମିଶ୍ରିତ ବା ଧିରବିଷ ମଦ ଚିନ୍ତାର କାରଣ ପାଲଟିଛି। ଏହାକୁ ଗୁରୁତର ସହ ନେଇ ପୁଲିସ, ଅବକାରୀ ଓ ପ୍ରଶାସନର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଅଭିଯାନ ସହ ନିୟନ୍ତ୍ରଣ କରିବାକୁ ଦାବି ହୋଇଛି।

### ରନ୍ଧା ମଦରେ ଅପମିଶ୍ରଣ

ଜଙ୍ଗଲ, ଆଭ୍ୟନ୍ତରୀଣ ଗାଁରେ ବିଶେଷକରି ମଦ ରନ୍ଧାଯାଇଥାଏ। ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ଅନେକ ସମୟରେ ଅବକାରୀ ବିଭାଗ ଓ ପୁଲିସ ଏହାର ବିରୋଧରେ ପଦକ୍ଷେପ ନେଇଥାନ୍ତି; ତଥାପି ଲୁଚାଛପାରେ ଏହି କାରବାର ଚାଲିଥାଏ। ଅପମିଶ୍ରିତ ମଦ ବିକ୍ରି କରୁଥିବା ବ୍ୟବସାୟୀମାନେ ଏହି ରନ୍ଧା ମଦ କିଣିଆଣି ସେଥିରେ ପ୍ରାୟ ଦଶଗୁଣା ପାଣି ମିଶାଇ ଫୁଟାଇଥାନ୍ତି। ଏହାସହ ସେଥିରେ ସୁଲେସନ ନାମକ ଏକ ଅଠା କିମ୍ବା ନିଶା ବଟିକା ପକାଇ ମଦ ପ୍ରସ୍ତୁତ କରିଥାନ୍ତି। ତାକୁ ପଲିଥିନ ଜରିରେ ଭରି ବିକ୍ରି କରିଥାନ୍ତି। ଏହି ମଦ ବିକ୍ରି ପାଇଁ କୌଣସି ପ୍ରକାର ଅନୁମତି ବା ନିୟମ ନାହିଁ। ତଥାପି ଗାଁ ଗାଁରେ ଅବାଧରେ ଏହାକୁ ଏହାକୁ କମ ଦାମରେ ବିକ୍ରି କରାଯାଇ ଆସୁଛି।

# ଘର ତାଲା ଭାଙ୍ଗି ଟଙ୍କା ଓ ସୁନାଗହଣା ଚୋରି

**ଟିଟିଲାଗଡ଼, ୨୧ା୩(ସମିସ):** ଟିଟିଲାଗଡ଼ ପୌର ପରିଷଦ ୧୫ ନଂ ୱାର୍ଡ ନିବାସୀ ସଂଗ୍ରାମ ପଟ୍ଟନାୟକଙ୍କ ଘରେ ବିଳମ୍ବିତ ରାତିରେ କେହି ନ ଥିବା ବେଳେ ଘର କବାଟ ତାଲା ଭାଙ୍ଗି ଘରୁ ସବୁ ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଶ୍ରୀ ପଟ୍ଟନାୟକ ସପରିବାର ନିଜ ସମ୍ପର୍କୀୟଙ୍କ ନିକଟସ୍ଥ ଘରକୁ ଯାଇଥିଲେ। ଘର ତାଲା ପକାଇ ରାତି ପ୍ରାୟ ୧୦ଟାରେ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଆସି ଘର କବାଟ ତାଲା ଭାଙ୍ଗି ଘର ଭିତରେ ପଶି ଘର ଆଲମାରୀ ଲକ୍ ଭାଙ୍ଗି ନଗଦ ଟଙ୍କା ସହ ପ୍ରାୟ ଦୁଇ ଲକ୍ଷ ଟଙ୍କାର ସୁନା ଗହଣା ସହ ବିଭିନ୍ନ ସାମଗ୍ରୀ ନେଇ ଫେରାର ହୋଇଯାଇଥିବା ଜଣାଯାଇଛି। ସକାଳୁ ଘରକୁ ଆସି ଚୋରି ହୋଇ ଯାଇଥିବା ଜାଣି ତୁରନ୍ତ ଟିଟିଲାଗଡ ପୁଲିସକୁ ସୂଚନା ଦେବା ପରେ ପୁଲିସ ପହଞ୍ଚି ତଦନ୍ତ କରିଛି। ଏକ ମାମଲା ରୁଜୁକରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି। ଏହି ଚୋରି ନେଇ କିଛି ପେସାଦାର ଚୋରଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ ପ୍ରକାଶ ପାଉଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ହେଉଛି।



## କଣ୍ଟାବାଞ୍ଜି ଜେଏମ୍‌ଜେ ସ୍କୁଲରେ ଅନିୟମିତତା

# ତଦନ୍ତ ନିର୍ଦ୍ଦେଶଦେଲେ ବ୍ଲକ ଶିକ୍ଷାଧିକାରୀ

**କଣ୍ଟାବାଞ୍ଜି, ୨୧ା୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଘରୋଇ ଶିକ୍ଷା ଅନୁଷ୍ଠାନଗୁଡିକ ମନମୁଖୀ କରୁଥିବା ଅଭିଯୋଗ


ସକାଳ
କଣ୍ଟାବାଞ୍ଜି ଜେଏମ୍‌ଜେ ଘରୋଇ ସ୍କୁଲ
ଛାତ୍ରଛାତ୍ରୀଙ୍କୁ ଚଢ଼ାଦରରେ ବହି ବିକ୍ରି ଅଭିଯୋଗ

ହୋଇଆସୁଛି। ଅଭିଭାବକମାନେ ସିଧାସଳଖ ଅଭିଯୋଗ କଲେ ନାଲି ଆଖି ଦେଖାଇବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନ ଦେଉଥିବା ମଧ୍ୟ ଅଭିଯୋଗ ହୋଇଆସୁଥିଲା। ଏନେଇ ଗୁରୁବାର 'ସକାଳ'ରେ ଏକ ଖବର ପ୍ରକାଶ ପାଇଲା ପରେ ଶିକ୍ଷା ବିଭାଗ ତତ୍ପର ହୋଇଛି। ଉକ୍ତ ଅଭିଯୋଗର ତଦନ୍ତ ପାଇଁ ଶିକ୍ଷା ବିଭାଗର ବ୍ଲକ୍ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। କଣ୍ଟାବାଞ୍ଜି ସହରର ପ୍ରତିଷ୍ଠିତ ଘରୋଇ ଜେଏମଜେ ସ୍କୁଲ କର୍ତ୍ତୃପକ୍ଷଙ୍କ ମନମୁଖୀ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘରୋଇ ସ୍କୁଲରେ ମିଳୁଥିବା ପୁସ୍ତକଠୁ ଆରମ୍ଭ କରି ପୋଷାକ ଯାଏ ସବୁ ବଜାର ମୂଲ୍ୟରୁ ୧୦ ଗୁଣା ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ତଦନ୍ତ କରି ଶୁକ୍ରବାର ରିପୋର୍ଟ ପ୍ରଦାନ କରିବାକୁ ତୁରେକେଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ତୁରେକେଲା ବ୍ଲକ ଶିକ୍ଷାଧିକାରୀ ଶାନ୍ତାନୁ ପଢ଼ିହାରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି।

# ସିରାବାହାଲ ଛକରୁ ଦେଢ଼ କୁଇଣ୍ଟାଲ ଜବତ

**ତୁଷୁରା, ୨୧ା୩ (ସମିସ):** ଗୁଡଭେଲା ରାସ୍ତା ସିରାବାହାଲ ଛକଠାରେ ଗୁରୁବାର ବିପୁଳ ପରିମାଣରେ ଗଞ୍ଜେଇ ତୁଷୁରା ପୁଲିସ ଜବତ କରିଛି। ଏହାସହ ଚାରିଚକିଆ ଗାଡି ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ତୁଷୁରା ପୁଲିସ ଗୁଡଭେଲା ରାସ୍ତାରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ପିକକପ ବୋଲେରୋରେ ୨ ଜଣ ଯୁବକ ଗଞ୍ଜେଇ ଧରି ଡାହିମାଲ ପଟକୁ ଆସୁଥିଲେ। ତୁଷୁରା ପୁଲିସ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୬ଟି ବସ୍ତାରେ ଗଞ୍ଜେଇ ଥିଲା। ସଙ୍ଗେ ସଙ୍ଗେ ଗାଡି ଓ ୨ ଯୁବକଙ୍କୁ ଅଟକ ରଖି ତୁଷୁରା ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୧ କୁଇଣ୍ଟାଲ ୫୨ କେଜି ୯୪୫ ଗ୍ରାମ ଓଜନ ହୋଇଥିଲା।

### ୨ ଗିରଫ, ଗାଡ଼ି ଜବତ

ଗିରଫ ହୋଇଥିବା ଯୁବକମାନେ ହେଲେ କଳାହାଣ୍ଡିର ସତ୍ୟ ସାହୁ (୨୩) ଏବଂ ସୋନପୁର ଜିଲ୍ଲାର ରସିକ ଗରିଆ (୪୯)। ପରେ ପୁଲିସ ବୋଲେରୋ ଗାଡିକୁ ତୁଷୁରା ଥାନାରେ ରଖି ଗଞ୍ଜେଇ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ କହିଛନ୍ତି।



## ଆନ୍ତଃରାଜ୍ୟ ଚାଲାଣ; ପୁଣି ଗଞ୍ଜେଇ ଜବତ, ୩ ଗିରଫ

# ହବ୍ ପାଲଟିଛି ଟିଟିଲାଗଡ଼ ରେଳଷ୍ଟେସନ

**ଟିଟିଲାଗଡ଼, ୨୧ା୩(ସମିସ):** ବଲାଙ୍ଗିର ଜିଲ୍ଲାର ପ୍ରମୁଖ ରେଳ ଜଙ୍କସନ ଟିଟିଲାଗଡ଼ ରେଳ ଷ୍ଟେସନ ଏବେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ହବ୍ (ମୁଖ୍ୟ କେନ୍ଦ୍ରସ୍ଥଳ) ପାଲଟିଛି। ଟିଟିଲାଗଡ ଆରପିଏଫ୍ ଓ ଅବକାରୀ ପୁଲିସ ପକ୍ଷରୁ ଟ୍ରେନ ଯୋଗେ ଆନ୍ତଃରାଜ୍ୟ ଚାଲାଣ ହେବାକୁ ଥିବା ବିପୁଳ ଗଞ୍ଜେଇକୁ ପୁଣି ଗୁରୁବାର ଜବତ କରାଯାଇଛି। ଏଥିସହ ସଂପୃକ୍ତ ୩ ଜଣ ଅଭିଯୁକ୍ତ ଗଞ୍ଜେଇ ମାଫିଆକୁ ଗିରଫ କରାଯାଇଛି। ବୁଧବାର ମଧ୍ୟ ଭୋପାଳକୁ ଟ୍ରେନ୍ ଯୋଗେ ଚାଲାଣ ହେବାକୁ ଥିବା ଗଞ୍ଜେଇକୁ ଚଢ଼ଉ କରି ଜବତ କରାଯାଇଥିଲା। ବର୍ତ୍ତମାନ ଏହି ରାକେଟ୍ ସକ୍ରିୟ ରହିଥିବା ଏହି ଘନ ଘନ ଚଢ଼ଉରୁ ସ୍ପଷ୍ଟ ହେଉଛି।

ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ମାହିହର ଜିଲ୍ଲା କୁଷମ ହାଟ ଗ୍ରାମର ଉଦ୍ୟରାଜ୍ ପଟେଲ (୧୯), ଉତ୍ତରପ୍ରଦେଶ ମହୱା ଜିଲ୍ଲା ଛେଡିମାଉ ଗାଁର ବିରେନ୍ଦ୍ର କୁଶ୍ୱା (୨୪) ଓ ଆନନ୍ଦ କୁଶ୍ୱା (୨୨) ପ୍ଲାଟଫର୍ମ ନଂ ୩ରେ ୨୬ ପ୍ୟାକେଟ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ସହ ଉପସ୍ଥିତ ଥିଲେ। ସେମାନଙ୍କ ଉପରେ ଆରପିଏଫ୍ ଟିମ୍‌ର ସନ୍ଦିଗ୍ଧ ନଜର ପଡ଼ିଥିଲା। ପୁଲିସ ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି



ସହଯୋଗରେ ଏକ ମିଳିତ ଟିମ୍ ତୁରନ୍ତ ଚଢ଼ଉ କରି ଯାଞ୍ଚ କରିବା ସହ ସମସ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ପରିମାଣ ୨୬ କେଜି ୩୩୦ ଗ୍ରାମ ଏବଂ ଏହାର ମୂଲ୍ୟ ୨ ଲକ୍ଷ ୬୩ ହଜାର ୩୦୦ ଟଙ୍କା ହେବ ବୋଲି ଅବକାରୀ ଥାନାଧିକାରୀ ଆଶିଷ ବେହେରା ସୂଚନା ଦେଇଛନ୍ତି। ଚଢଉରେ ଅବକାରୀ ଥାନାଧିକାରୀ ଆଶିଷ ବେହେରା ଓ ଆରପିଏଫ ଥାନାଧିକାରୀ ଧର୍ମେନ୍ଦ୍ର ମିଶ୍ରଙ୍କ ସହ ଉଭୟ ପୁଲିସ ଟିମ୍ ସାମିଲ ଥିଲେ।

# ମୁରିବାହାଲ ଶିଶୁ ମନ୍ଦିରର ପରିଚାଳନା କମିଟି ଗଠିତ

**ମୁରିବାହାଲ, ୨୧ା୩(ସମିସ):** ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ଯୁଗେଶ୍ୱର ବିହାରର ସଭାଗୃହଠାରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। କମିଟିର ସଭାପତି ଶ୍ରୀବସ୍ତ ବେହେରାଙ୍କ ସଭାପତିତ୍ୱରେ ବଲାଙ୍ଗିର ଜିଲ୍ଲା ବିଭାଗ ନିରୀକ୍ଷକ ପ୍ରକାଶଚନ୍ଦ୍ର ମହାନ୍ତି, ସହ ନିରୀକ୍ଷକ ମନୋରଞ୍ଜନ କରଙ୍କ ଉପସ୍ଥିତିରେ ଶିଶୁମନ୍ଦିର ମନ୍ଦିର ବିକାଶ, ଶିକ୍ଷା, ଛାତ୍ରୀଛାତ୍ର ସହ ଅଭିଭାବକ, ଗୁରୁଜୀ ଗୁରୁମାଙ୍କ ସୁସଂପର୍କ ଉପରେ ଆଲୋଚନା କରାଯାଇଥିଲା। ନୂତନ କମିଟିର ସଭାପତି ରୂପେ ନାରାୟଣ ସାହୁ, ଉପସଭାପତି ଶିବ ଧରୁଆ, ସମ୍ପାଦକ ଭରତ ଦାସ, ସହସମ୍ପାଦକ ସୁବାସଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଗଙ୍ଗାଧର ହେର୍ଣ୍ଣା, ସଦସ୍ୟ ରୂପେ ସୁନିତା ଦାସ, କ୍ଷିତିସୂତା ତାଣ୍ଡି, ବିଦ୍ୟାଳୟ ତରଫରୁ ପ୍ରଧାନଗୁରୁଜୀ ସୁମନା ନନ୍ଦ ଖମାରି ଓ ଗୋବିନ୍ଦ ଦାସଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଅତିଥି ରୂପେ ଶ୍ରୀବସ୍ତ ବେହେରା, ସାଧୁ ସୁଶୀଳ ବାବା, ବିଶ୍ୱବିହାରୀ ଯୋଶୀ, ତରୁଣ ପୋଢ଼, ଅନୀଲ କୁମାର ଶର୍ମା, ଅଭୟାନନ୍ଦ ଦାସ, ରାଜୀବ କୁଅରଙ୍କୁ ଆଗାମୀ ୩ ବର୍ଷ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଶିଶୁମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ମୁରିବାହାଲ, ୨୧ା୩(ସମିସ):** ମୁରିବାହାଲ ଜୁନିଅର କଲେଜ ସଭାଗୃହରେ ଗୁରୁବାର ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ୧୪୮ ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ନେଇଥିଲେ। କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଶିବିର ଉଦଘାଟନ ହୋଇଥିଲା। ୮ ଦିନ ଧରି ଚାଲିବାକୁ ଥିବା ଶିବିରରେ ଛାତ୍ରୀମାନେ କିପରି ଆତ୍ମସୁରକ୍ଷା କରିପାରିବେ, ଅସାମାଜିକ ବ୍ୟକ୍ତି ମାନଙ୍କର କବଳରୁ ସୁରକ୍ଷା ପାଇପାରିବେ, ନିଜ ନିଜ ମଧ୍ୟରେ ସଙ୍ଗଠିତ ହୋଇ ଦୃଢ ମୁକାବିଲା କରିବା ଉପରେ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଓଡ଼ିଆ ବିଭାଗର ଅଧ୍ୟାପକ ଭବାନୀ ପୋଢ଼ଙ୍କ ସଂଯୋଜନାରେ ମାଷ୍ଟର ଟେନର ଗୌରୀ ରାଉତ, ଡାକପ୍ରିୟା ନାଗ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିବେ। ଇଂରାଜୀ ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାସିଂହା କଲେଜରେ ଏଡ୍‌ସ୍ ସଚେତନତା

**ଦେଓଗାଁ, ୨୧ା୩(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ଦୁଇ କଲେଜରେ ରେଡ ରିବନ କ୍ଲବ ଦ୍ୱାରା ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ତଥା ଯୁଥ ରେଡକ୍ରସ ଅଧ୍ୟକ୍ଷ ବସନ୍ତ ମନହୀରା ଯୋଗ ଦେଇଥିଲେ। ଯୁଥ ରେଡକ୍ରସ କାଉନସେଲର ଦୁର୍ବାଦଳ ଘିବେଲା ଏଡସ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ଅଧ୍ୟାପିକା ଶୁଭଶ୍ରୀ ସାହୁ, ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି, କମ୍ପ୍ୟୁଟର ପ୍ରଶିକ୍ଷକ ବାଳଶଙ୍କର ମେହେର ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମହୁମାଛି ଆକ୍ରମଣରେ ଛାତ୍ରୀ ଆହତ

**ବଙ୍ଗୋମୁଣ୍ଡା, ୨୧ା୩(ସମିସ):** ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚାରି ଜଣ ଛାତ୍ରୀ ଗୁରୁବାର ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କୁ ଦଳବଦ୍ଧ ହୋଇ ଅତର୍କିତ ଭାବେ ମହୁମାଛି ଆକ୍ରମଣ କରିଥିଲେ। ସମସ୍ତ ୪ ଜଣ ଛାତ୍ରୀ ବଙ୍ଗୋମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ସ୍କୁଲ ନିକଟସ୍ଥ ଦୋକାନକୁ କୌଣସି ସାମଗ୍ରୀ କିଣିବାକୁ ଯାଉଥିଲା ବେଳେ ଏହି ଅଘଟଣ ଘଟିଛି।

# ଗାଁକୁ ପହଞ୍ଚିଲା ଦାଦନ ଶ୍ରମିକଙ୍କ ଶବ

**ତୁରେକେଲା, ୨୧ା୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ବଡ଼ବାଙ୍କି ପଞ୍ଚାୟତ ଜାମକି ଗାଁର ଦାଦନ ଶ୍ରମିକ ବିଦ୍ୟାଧର ମାଝୀ (୪୯)ଙ୍କ ମୃତଦେହ ଗାଁକୁ ଫେରିଛି। ଗତ ଦାଦନ ଋତୁ ଦଶହରାରେ ଇଟା ଗଡିବାକୁ ହାଇଦ୍ରାବାଦର ଚିତ୍ତର ଜିଲ୍ଲା ରେଡାପାଲି ଅଞ୍ଚଳକୁ ସପରିବାର ଇଟା ତିଆରି କରିବାକୁ ଯାଇଥିବା ବେଳେ ତାଙ୍କ ଅକାଳ ବିୟୋଗ ଘଟିଥିବା ଜଣାପଡ଼ିଛି। ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେତୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କ ପରିବାର କହିବାନୁସାରେ, ଇଟାଭାଟିରେ ସେ ହୃଦଘାତରୁ ଜୀବନ ହାରିଛନ୍ତି। ବୁଧବାର ଗାଁକୁ ଶବ ପହଞ୍ଚିଲା ପରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ସ୍ତ୍ରୀ ସପୁର ମାଝୀ ଏବେ ଅସହାୟ ହୋଇ ରହିଯାଇଛନ୍ତି। ସରକାରୀ ସହାୟତା ପାଇଁ ସେ ଓ ତାଙ୍କ ପରିବାର ସହ ବନ୍ଧୁ ପରିଜନ ନିବେଦନ କରିଛନ୍ତି।

# ହରିଶଙ୍କରରେ ପ୍ରକୃତି ଶିବିର

**ଖପ୍ରାଖୋଲ, ୨୧ା୩ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍ ହରିଶଙ୍କରଠାରେ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ରକୃତି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରା ଛାତ୍ରଛାତ୍ରୀଙ୍କୁ ଔଷଧୀୟ ବଗିଚା ପରିଦର୍ଶନ କରାଇବା ପରେ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ଗୁଳ୍ମଲତାର ଗୁଣ ସମ୍ପର୍କରେ ହରିଶଙ୍କର ଡେପୁଟି ରେଞ୍ଜ ଅଧିକାରୀ ସୁନୀଲ ମିଶ୍ର, ପାରମ୍ପରିକ ବୈଦ୍ୟ ଯୁଗେଶ୍ୱର୍ ଧରୁଆଙ୍କୁ ପ୍ରଶ୍ନ ପଚାରିଥିଲେ। ବନବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ବନପାଳ ରଞ୍ଜିତ କୁମ୍ଭାର, ବିଜ୍ଞାନଶିକ୍ଷକ ଗୋପୀକୃଷ୍ଣ ଦଳାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପୂର୍ବରୁ ବିଦ୍ୟାଳୟସ୍ତରୀୟ ଗୀତ, ଦଳଗତ ଆଲୋଚନା, ବକ୍ତୃତା, ଦଳଗତ ନୃତ୍ୟ, ଏକକ ଅଭିନୟରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହଦେବ ପତି, ଗଗନ ସାହୁ, ନିଳୀମା ମିଶ୍ର, ଅତଶି ସାହୁ, ଫକୀର ବିଶ୍ୱାଳ, ଉମା ଭୋଇ, ମଞ୍ଜୁ କୁମ୍ଭାର, ମହେନ୍ଦ୍ର କାଲସାଏ ଉପସ୍ଥିତ ଥିଲେ। ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତର୍ଜାତିକ ହେପି ଡେ ଦିବସ ପାଳିତ

**ବଲାଙ୍ଗିର, ୨୧।୩ (ସମିସ):** ବଲାଙ୍ଗିର ସହରରେ ବୁଧବାର ଦିନ ୩ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ରନ ଫର ଫନ କମ୍ୟୁନିଟି ତରଫରୁ ଇଣ୍ଟେରନ୍ୟାସନାଲ ହାପି ଡେ ଦିବସ ପାଳିତ ହୋଇଯାଇଛି। ଏହି କମ୍ୟୁନିଟି ତରଫରୁ ବଲାଙ୍ଗିର ସହର ପରିକ୍ରମା କରିବା ସହ ଗୋଟେ



ଲାଫିଙ୍ଗ ଇମୋଜିର ଷ୍ଟିକର ଦେଇ ଲୋକଙ୍କୁ ସବୁବେଳେ ଖୁସିରେ ରହିବା ପାଇଁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା। ଲୋକେ ମଧ୍ୟ ଶତପ୍ରତିଶତ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ଅନନ୍ୟ କାରିଗର

# ରାମଲୀଳା ପରମ୍ପରା ବଞ୍ଚାଇ ରଖିଛନ୍ତି ପ୍ରଦୀପ

**ବଲାଙ୍ଗିର, ୨୧ା୩(ସମିସ)**

ବଲାଙ୍ଗିର ଜିଲ୍ଲାରେ ଏବେବି ବଞ୍ଚିଛି ରାମଲୀଳା ପରମ୍ପରା। ସହର ତଥା ଜିଲ୍ଲାର ବିଭିନ୍ନ ଗାଁରେ

### ରାମଲୀଳାର ବିଭିନ୍ନ ଚରିତ୍ର ପାଇଁ ମୁଖା ତିଆରିରେ ପାରଙ୍ଗମ

### ଜିଲ୍ଲା ତଥା ରାଜ୍ୟ ବାହାରେ ରହିଛି ରାମଲୀଳା ମୁଖାର ଚାହିଦା

ରାମ ନବମୀଠାରୁ ଆରମ୍ଭ ହୁଏ ରାମଲୀଳା। ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ହେଉଥିବା ବେଳେ ଏଥିରେ ଏକ ବଡ ଭୂମିକା ନେଇଥାନ୍ତି ରାମଲୀଳାରେ ବ୍ୟବହୃତ ହେଉଥିବା ମୁଖା କଳାକାର। କାଗଜ ଓ ମାଟିରେ ବିଭିନ୍ନ ଚରିତ୍ରର ମୁଖା ତିଆରି କରୁଥିବା ଜଣେ କଳାକାର ହେଉଛନ୍ତି ବଲାଙ୍ଗିର ଠିକାଦାର ପଡ଼ାର ପ୍ରଦୀପ ରଣା। ଅନ୍ୟ କୁମ୍ଭାର ମାନଙ୍କ ଭଳି ସେ ମଧ୍ୟ ମାଟି ତିଆରି ସାମଗ୍ରୀ, ମୂର୍ତ୍ତି ତିଆରି କରନ୍ତି। ଏହାରି ଭିତରେ କିନ୍ତୁ ରାମଲୀଳା ପାଇଁ ମୁଖା ତିଆରି କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଖର୍ଚ୍ଚ ଓ ପରିଶ୍ରମର ମୂଲ୍ୟ ମିଳୁ ନଥିଲେ ସୁଦ୍ଧା ବୟସ ଅପରାହ୍ନରେ ସେ ପରମ୍ପରା ଓ କଳାକୁ ବଞ୍ଚାଇ ରଖିଛନ୍ତି।



ରାମ ନବମୀଠାରୁ ପ୍ରାୟତଃ ଅନେକ ଗାଁରେ ରାମଲୀଳା ହୋଇଥାଏ। ଏଥିରେ ଗାଁ ଲୋକମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରି ରାମାୟଣ ପ୍ରଦର୍ଶନ କରିଥାନ୍ତି। ଅବଶ୍ୟ କିଛି ବର୍ଷ ହେଲା ଏହି ପରମ୍ପରା ଲୁଚି ଯାଉଥିବା ବେଳେ ଏବେବି କିଛି ଅଞ୍ଚଳ ଅଛି ଯେଉଁଠି ଏହି ପରମ୍ପରା ବଞ୍ଚିରହିଛି। ଏହି ରାମଲୀଳାରେ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ପାଇଁ ସେହି ଚରିତ୍ରର ମୁଖାର ଆବଶ୍ୟକତା ପଡ଼ିଥାଏ। ଯାହାକି ବଜାରରେ ବେଶ୍ ସହଜରେ ମିଳିଯାଏ କିନ୍ତୁ ଏହି ମୁଖା ତିଆରି କରୁଥିବା କାରିଗରଟିଏ ମିଳିବା ବହୁତ କଷ୍ଟ। ଏହି ମୁଖା ତିଆରି କରିବାର ଏକ ଆଗଧାଡିର କଳାକାର ହେଉଛନ୍ତି ବଲାଙ୍ଗିର ସହର ଠିକାଦାରପଡ଼ାରେ ରହୁଥିବା ପ୍ରଦୀପ ରଣା। ବୟସ ତାଙ୍କର ୬୫ ଡେଇଁଲାଣି ତଥାପି ମୁଖା ତିଆରି କରିବା ସେ ବନ୍ଦ କରିନାହାନ୍ତି। ଅନ୍ୟ କୁମ୍ଭାର ପରିବାର ଭଳି ସେ ମଧ୍ୟ ଗଣେଶ, ସରସ୍ୱତୀ, ବିଶ୍ୱକର୍ମା ଓ ଦୁର୍ଗା ଭଳି ମୂର୍ତ୍ତି ମାଟିରେ ତିଆରି କରିଥାନ୍ତି; କିନ୍ତୁ ମୁଖା ତିଆରିରେ ସେ ଭିନ୍ନ ଏକ ଛାପ ଛାଡିପାରିଛନ୍ତି। କାର୍ତ୍ତିକ ମାସରୁ ସେ ମୁଖା ତିଆରି କରିବା ଆରମ୍ଭ କରିଥାନ୍ତି। ଘର ଘର ବୁଲି କାଗଜ ସଂଗ୍ରହ କରିଥାନ୍ତି। ତାକୁ ପାଣିରେ କିଛି ସମୟ ରଖିବା ପରେ ସେଥିରେ ଅଠା ଦେଇ ବିଭିନ୍ନ ଆକୃତିର ମୁଖା ତିଆରି କରନ୍ତି। ତାକୁ ଖରାରେ ଶୁଖାଇବା ପରେ ରଙ୍ଗ ବୋଳି ବିକ୍ରି କରିଥାନ୍ତି। ଜିଲ୍ଲାରେ ସେ ଏକମାତ୍ର କଳାକାର ଯିଏକି ଏହିଭଳି ମୁଖା ତିଆରି କରୁଥିବା ଜଣାପଡ଼ିଛି। ତାଙ୍କଠାରୁ ବଲାଙ୍ଗିର ସହର, ଜିଲ୍ଲା ତଥା ଜିଲ୍ଲା ବାହାରର ବ୍ୟବସାୟୀମାନେ ଆସି ଏହି ମୁଖା କିଣିଥାନ୍ତି। ଏପରିକି ସେ ରାଜ୍ୟ ବାହାରକୁ ମଧ୍ୟ ମୁଖା ତିଆରି କରି ପଠାଉଥିବା କହିଛନ୍ତି। ଯେଉଁ ହିସାବରେ ସେ ଏଥିପାଇଁ ପରିଶ୍ରମ କରିବା ସହ ଟଙ୍କା ଖର୍ଚ୍ଚ କରୁଛନ୍ତି ସେହି ଅନୁସାରେ ଲାଭ ମିଳୁ ନଥିଲେ ମଧ୍ୟ ସେ କଳାକୁ ବଞ୍ଚାଇ ରଖିବା ପାଇଁ ବୟସ ଅପରାହ୍ନରେ ବି ଉଦ୍ୟମ କରୁଛନ୍ତି। ତାଙ୍କ କହିବାନୁସାରେ, ରାମଲୀଳା ପରମ୍ପରା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଗଲେ ସେ ମୁଖା କାହା ପାଇଁ ତିଆରି କରିବେ। ସେଥିପାଇଁ ତାଙ୍କ ପେଟ ବି ବଞ୍ଚୁ ଓ କଳା ବି ବଞ୍ଚୁ ନ୍ୟାୟରେ ସେ ଏହି କାମ କରୁଥିବା କହିଛନ୍ତି। ଏଥିରେ ତାଙ୍କର ସ୍ତ୍ରୀ ଓ ଝିଅ ମଧ୍ୟ ତାଙ୍କୁ ସାହାଯ୍ୟ କରୁଥିବା କହିଛନ୍ତି। ଆଉ ଦିନ କେଇଟା ପରେ ରାମ ନବମୀ ଅନୁଷ୍ଠିତ ହେବ। ସେଥିପାଇଁ ବର୍ତ୍ତମାନ ମୁଖା ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି।

# ଚାଉଳ ପାଉନାହାନ୍ତି ରାସନକାର୍ଡ ହିତାଧିକାରୀ



## -ପ୍ରତି ମାସ ୨୫ କ୍ୱିଣ୍ଟାଲ ଚାଉଳ କମ୍ ଯୋଗାଣ
## -ଅଭିଯୋଗ କଲେ ଶୁଣୁନି ପ୍ରଶାସନ

**ସିନାପାଲି, ୨୧।୩(ସମିସ):** ସିନାପାଲି ବ୍ଲକ ଅଧିନ ଖର୍ସେଲ ପଞ୍ଚାୟତରେ ରାସନକାର୍ଡ ହିତାଧିକାରୀ ଠିକ୍‌ରେ ଚାଉଳ ପାଉ ନାହାନ୍ତି। ଗତ ୪ମାସ ହେଲା ଚାଉଳ ବଣ୍ଟନ କରାଯାଇ ନାହିଁ। ଅଥଚ ଚାଉଳ ବଣ୍ଟନ କରାଯାଇଛି ବୋଲି ରାସନକାର୍ଡରେ ଉଲ୍ଲେଖ କରାଯାଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି।

ପଞ୍ଚାୟତର ବିଭିନ୍ନ ଗ୍ରାମର ୪୦ରୁ ଅଧିକ ରାସନକାର୍ଡ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇନାହିଁ। ପଞ୍ଚାୟତରେ ମୋଟ ୧ହଜାର ୬୯ ରାସନକାର୍ଡ ହିତାଧିକାରୀ ଅଛନ୍ତି। ଏମାନଙ୍କୁ ୧୯୫ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଥାଏ; ହେଲେ ପ୍ରତି ମାସରେ ଚାଉଳ ବଣ୍ଟନ ସମସ୍ୟା ଲାଗି ରହିଛି। ଏଭଳି ସମସ୍ୟା ଦୀର୍ଘ ଧରି ରହୁଥିଲେ ମଧ୍ୟ ସମାଧାନ କରା ଯାଉନି। ଏଣୁ ହିତାଧିକାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଖର୍ସେଲ ସରପଞ୍ଚ ବୀରେନ୍ଦ୍ର ଖମାରୀଙ୍କୁ ପଚାରିବାରୁ ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ସମସ୍ୟାର ସମାଧାନ କରିବା ପାଇଁ ସିନାପାଲି ବିଡ଼ିଓ, ଯୋଗାଣ ଅଧିକାରୀ ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସେ ଅଭିଯୋଗ କରିଛନ୍ତି; ହେଲେ କୌଣସି ସୁଫଳ ମିଳିନାହିଁ। ଏଣୁ ହିତାଧିକାରୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

## ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଢିଲା

# ସକାଳେ ଖୋଲା, ଦିନରେ ତାଲା

**ତୁରେକେଲା, ୨୧।୩(ସମିସ)**

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ଶିକ୍ଷା ବିଭାଗ। ସମୟ ବ୍ୟବଧାନରେ ଅତୀତରେ ଅପଚର୍ଚ୍ଚା ପରିସରକୁ ଆସିଛି। ଉପାନ୍ତ ମହଖଣ୍ଡ ଗାଁରେ ୨ଟି ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଏବେ ଅଭିଯୋଗ ସାମ୍ନାକୁ ଆସୁଛି।

୧୯୭୪ରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୧୯୯୪ରେ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ ସ୍ଥାପନ ହୋଇଥିଲା। କିଛି ଦିନ ତଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଶିକ୍ଷା ବିଭାଗ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସକାଳ ସମୟରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷା ଶେଷ ହେଲେ ପୂର୍ବ ଭଳି ପୁଣି ସକାଳ ୧୦ଟା ସମୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବାକୁ କହିଥିଲେ। ପରୀକ୍ଷା ସରିଯାଇଥିଲା। ଗୁରୁବାର ଏହି ୨ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସକାଳ ସମୟରେ ବିଦ୍ୟାଳୟ ଖୋଲି ୧୧ଟା ସମୟରେ ନିଜ ମନୋମୁଖୀ କରି ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ମହଖଣ୍ଡ ଗାଁର ୨ଟି ବିଦ୍ୟାଳୟ ସମୟ ପୂର୍ବରୁ ବନ୍ଦ ହୋଇଯାଇଥିବା ନେଇ ଗ୍ରାମବାସୀ ବିଚଳିତ ହୋଇ ପ୍ରଶ୍ନ ପଚାରିଥିଲେ। ଉଭୟ ବିଦ୍ୟାଳୟରେ ଗୁରୁବାର ତାଲା ପଡ଼ିବାର କାରଣ ସିଆର୍‌ସିସି ମୋହନ ବରିହାଙ୍କୁ ପଚାରିବାରୁ ସେ କିଛି ଜାଣି ନଥିବା ପ୍ରକାଶ





## ସିଆର୍‌ସିସି, ପ୍ରଧାନଶିକ୍ଷକ କାଗଜପତ୍ରରେ ବ୍ୟସ୍ତ

କରିଥିଲେ। କ୍ଷେତ୍ର ପରିଦର୍ଶନ କରିଛନ୍ତି କି ନାହିଁ ବୋଲି ପଚାରିବାରୁ ଗୁରୁବାର କାଗଜପତ୍ର କାମ ଥିବା ଯୋଗୁଁ ପରିଦର୍ଶନ କରି ନଥିବା ପ୍ରକାଶ କରିଥିଲେ। ବିଦ୍ୟାଳୟ ବନ୍ଦ ହୋଇଥିବା ମଧ୍ୟ ତାଙ୍କୁ ଜଣା ନଥିବାରୁ ଶିକ୍ଷା ବ୍ୟବସ୍ଥା ଏହି ଅଞ୍ଚଳରେ କିପରି ଚାଲିଥିବା ସହଜରେ ଅନୁମାନ କରାଯାଇପାରେ।

ଏନେଇ ମହଖଣ୍ଡ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ଯେ କାଗଜପତ୍ର ଯାଞ୍ଚ କରିବା ପାଇଁ ୩ଟା ସମୟରେ ବିଦ୍ୟାଳୟ ବନ୍ଦ କରିଥିଲେ। ଅସଲରେ ଦିନ ୨.୩୦ ମିନିଟ ସମୟରେ ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ଝୁଲୁଥିଲା। ସ୍ଥାନୀୟ ଲୋକ ମଧ୍ୟ ଏହାକୁ ନେଇ ପ୍ରଶ୍ନ କରିଛନ୍ତି। ସେମାନେ କହିଛନ୍ତି, ପ୍ରାୟ ୧୧ଟା ସମୟରେ ସ୍କୁଲ ଛୁଟି ହୋଇଥିଲା। ପ୍ରଧାନଶିକ୍ଷକଙ୍କ କହିବାନୁସାରେ, ସେ କାଗଜପତ୍ର ଯାଞ୍ଚ ପାଇଁ ବିଦ୍ୟାଳୟ ୩ଟାରେ ଛୁଟି କରିଥିଲେ। ତେବେ ସେ କେଉଁ କାଗଜପତ୍ର ଯାଞ୍ଚ କରଥିଲେ ? ତାଙ୍କ ସହ ସମସ୍ତ ଶିକ୍ଷକ କାଗଜପତ୍ର ଯାଞ୍ଚ କରୁଥିଲେ କି ? ଏନେଇ ମହଖଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି, ଦିନ ୧୦ରେ ବିଦ୍ୟାଳୟ ଖୋଲିବା କଥା ଆମେ ଜାଣି ନଥିଲୁ। ୮ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇ ୧୨ଟା ସମୟରେ ବିଦ୍ୟାଳୟ ବନ୍ଦ କରିଥିବା ସେ ସ୍ୱୀକାର କରିଛନ୍ତି।

ତୁରେକେଲା ବ୍ଲକ୍‌ରେ ବିଦ୍ୟାଳୟଗୁଡିକରେ ଏହା କିଛି ନୂଆ ଘଟଣା ନୁହେଁ। ଶିକ୍ଷା ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ସରକାର ଗ୍ରାମାଞ୍ଚଳର ଶିକ୍ଷା ଭିତ୍ତିଭୂମିର ବିକାଶ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କ ମନମୁଖୀ କରି ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରୁଛନ୍ତି। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ଅଭିଯୁକ୍ତକୁ ୪ ବର୍ଷ ଜେଲ୍ ଦଣ୍ଡାଦେଶ

**ଟିଟିଲାଗଡ଼, ୨୧।୩(ସମିସ):** ଗତ ୨୦୨୧ ମାର୍ଚ୍ଚ ୨୭ ତାରିଖରେ ଟିଟିଲାଗଡ ବିଜେପୁରରେ ଫକୀର ଛତ୍ରିଆ କ୍ଷେତରୁ ଫେରୁଥିବା ବେଳେ ଜମିବାଡ଼ିକୁ କେନ୍ଦ୍ରକରି ସମ୍ପର୍କୀୟ ଭାଇ ସନ୍ତୋଷ ଛତ୍ରିଆ ଧାରୁଆ ରଫାରେ ଆକ୍ରମଣ କରିଥିଲା। ଫକୀର ରକ୍ତାକ୍ତ ଓ କ୍ଷତ ବିକ୍ଷତ ହୋଇ ପରେ ଚିକିତ୍ସିତ ହୋଇଥିଲେ। ଏହି ମାମଲାରେ ଗୁରୁବାର ଟିଟିଲାଗଡ଼ ଦୌରା ଜଜ୍ ରାୟ ପ୍ରକାଶ କରିଛନ୍ତି। ପୁଲିସ ମାମଲା ରୁଜୁକରି ଅଭିଯୁକ୍ତ ସନ୍ତୋଷ ଛତ୍ରିଆକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ବେଳେ ସେ ବିଚାରାଧୀନ କଏଦୀ ରହିଥିଲା। ଅନ୍ୟାନ୍ୟ ଦଫା ସହ ୩୦୭ରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। ପରେ ଉଭୟ ପକ୍ଷର ସାକ୍ଷ୍ୟକୁ ବିଚାରକୁ ନେଇ କୋର୍ଟ ସନ୍ତୋଷ ଛତ୍ରିଆକୁ ବିଭିନ୍ନ ଦଫାରେ ଦଣ୍ଡିତ କରି ଚାରି ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୫୦୦୦ ଟଙ୍କା ତିନି ମାସ ମଧ୍ୟରେ ଦେବାକୁ ଆଦେଶ କରିଛନ୍ତି। ସରକାରଙ୍କ ତରଫରୁ ଓକିଲ ରଘୁନାଥ ରଥ ମାମଲାପରିଚାଳନା କରୁଥିଲେ।

# ରାମଚନ୍ଦ୍ରପୁର ରାଜସ୍ୱ ସର୍କଲ୍‌ରେ ବେଆଇନ ଇଟାଭାଟି

**ଦେଓଗାଁ, ୨୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ସର୍କଲରେ କିଛି ଇଟା ବ୍ୟବସାୟୀ ବେଆଇନ ଭାବେ ଇଟାଭାଟି ଚଳାଇଥିବା ବେଳେ ଇଟା ପୋଡ଼ିବା ପାଇଁ ଅନେକ ପୁରାତନ ମୂଲ୍ୟବାନ ଗଛକାଟି ଦେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ରାଜସ୍ୱ ବିଭାଗ ଓ ବନ ବିଭାଗକୁ ସ୍ଥାନୀୟ ସଚେତନ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସୀ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ସହ ଉକ୍ତ ବେପାରୀମାନେ ମଧୁଚନ୍ଦ୍ରିକା କରି ବେଆଇନ ଭାବେ ଇଟା ଭାଟି ଚଳାଇବା ସହ ସ୍ଥାନୀୟ ପରିବେଶକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଏହାସହ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି।



## ଖୋଲାଖୋଲି ମୂଲ୍ୟବାନ ଗଛ କାଟି ପୋଡ଼ାଯାଉଛି ଇଟା
## ଅଧିକାରୀଙ୍କ ସହ ସଲାସୁତ୍ରରାରେ ମାଫିଆ ମାଲା ମାଲ୍

ସିଂହାମୁଣ୍ଡା ଅଞ୍ଚଳର କିଛି ସଚେତନ ଲୋକେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ ଉକ୍ତ ଅଭିଯୋଗକୁ ମଧ୍ୟ ବେଖାତିର କରିଥିବାରୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଉକ୍ତ ବେପାରୀମାନେ 'ଆରଆଇ, ଫରେଷ୍ଟର ଟଙ୍କା ନେଉଛନ୍ତି ଆମର୍ କିଏ କାଣା କରବ' ବୋଲି ଖୁଲମଖୁଲା କହୁଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। ଏହାବାଦ କିଛି ସ୍ୱାର୍ଥାନ୍ଧ ନେତା ମଧ୍ୟ ସାମିଲ ରହୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସିଂହାମୁଣ୍ଡା ନିକଟସ୍ଥ ଯୋର ପାର୍ଶ୍ୱରେ କିଛି ବ୍ୟବସାୟୀ ବେଧଡକ ଭାବେ ଇଟାଭାଟି ଚଳାଇଥିବା ବେଳେ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବେ ବଡ ବଡ ପୁରାତନ ଗଛ କାଟି ପକାଇଦେଇଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ଦିଗରେ କେହି ନଜାଣିଲା ପରି ଅଭିନୟ କରୁଥିବା ବେଳେ ଅଞ୍ଚଳରେ ଅନେକ ବଡ ବଡ ଇଟାଭାଟି ଗଢ଼ିଉଠିଛି। ରାମଚନ୍ଦ୍ରପୁର ଓ ବନ୍ଧପଡ଼ା ସର୍କଲର ରାଜସ୍ୱ ନିରୀକ୍ଷକ ନିଦାବିଷ୍ଟୁ ପରି ହାତବାନ୍ଧି ରହିଥିବା ଅଭିଯୋଗ ହୋଇଛି। ଗୋଟିଏ ଇଟାକୁ ଏକ ଟଙ୍କା ରୟାଲଟି ନିୟମ ରହିଥିବା ବେଳେ କୌଣସି ଇଟାଭାଟି ମାଲିକ ରୟାଲଟି ବୁଝାଉ ନଥିବା ଜଣାପଡ଼ିଛି। କିଛି ମାଲିକ ୧୫/୨୦ ହଜାର ଇଟାର ରୟାଲଟି ବୁଝାଇ ଲକ୍ଷଲକ୍ଷ ଇଟାର ଭାଟି ଚଳାଇଛନ୍ତି। ଏ ଦିଗରେ ବନବିଭାଗ ଓ ରାଜସ୍ୱ ବିଭାଗ ଯୁଗ୍ମଭାବେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ବିକ୍ରମ କେଶରୀ ନାୟକ କହିଛନ୍ତି, ଅଭିଯୋଗ ପାଇବାପରେ ଉକ୍ତ ଅଞ୍ଚଳକୁ ଯାଇଥିଲି, ସେଠି କିଛି ଲୋକଙ୍କୁ ଫାଇନ ପକାଇଛୁ। ଜଣକୁ ୨ଲକ୍ଷ ଇଟାର ମଧ୍ୟ ଫାଇନ କାଟିଛୁ, ୭ଦିନ ମଧ୍ୟରେ ଫାଇନ ପଇଠ କରିବା ପାଇଁ କହିଛୁ। ଆଗକୁ ଚଢ଼ଉ ଜାରି ରହିବ। ଫରେଷ୍ଟର ମଧୁସୁଦନ ଗଡୁଆଙ୍କୁ ପଚାରିବାରୁ କହିଛନ୍ତି ଯେ ଫାଇନ କଟାହୋଇଛି କିନ୍ତୁ ଗଛ ଜବତ କରାଯାଇନି, ଜବତ କରାଯିବ। ଅଞ୍ଚଳରେ ତଦନ୍ତ ଜାରି ରହିବ ବୋଲି କହିଥିଲେ।

# ଶେଷ ପର୍ଯ୍ୟାୟରେ ଗୋଛାକଟା, ଏପ୍ରିଲରୁ କେନ୍ଦୁପତ୍ର ତୋଳା

**ବଲାଙ୍ଗିର, ୨୧।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଛି କେନ୍ଦୁପତ୍ର ତୋଳା ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ଗୋଛାକଟା ଆରମ୍ଭ ହୋଇଥିବା ବେଳେ କିଛି ଦିନ ପରେ କେନ୍ଦୁପତ୍ର ତୋଳାଳିମାନେ କେନ୍ଦୁପତ୍ର ତୋଳିବା ଆରମ୍ଭ କରିବେ। ରାଜ୍ୟ ସରକାର କେନ୍ଦୁପତ୍ରରୁ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଥିବାରୁ ଏହା ତୋଳାଳିଙ୍କୁ ପାଇଁ ବିଶେଷ ସହାୟକ ହୋଇଥାଏ। ଗତ ଦୁଇ-ତିନି ବର୍ଷ ହେଲା ତୋଳାଳିଙ୍କ ଉପରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଫୋକସ ରହିଆସିଛି। ତୋଳାଳି ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। କେବଳ ତୋଳାଳି କାହିଁକି, ଗୋଛାକଟା ଶ୍ରମିକ, ବନ୍ଧେଇ ଶ୍ରମିକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହି ପ୍ରକ୍ରିୟାରେ ସରକାରୀ ସହାୟତାର ଲାଭ ଉଠାଇ ଖୁସି ପ୍ରକାଶ ତୋଳାଳି ଓ ଶ୍ରମିକ ପରିବାର।

କେନ୍ଦୁପତ୍ର ପାଇଁ ବଲାଙ୍ଗିର ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲ୍ଲାରେ ଥିବା ତିନୋଟି ଡିଭିଜନରେ ଭଲ ପରିମାଣର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ଭଲ ମାନର କେନ୍ଦୁପତ୍ର ବାହାରୁଥିବାରୁ ପ୍ରତିବର୍ଷ ବହୁ ପରିମାଣର ରାଜସ୍ୱ ମଧ୍ୟ ସଂଗ୍ରହ ହୋଇଥାଏ। ୨୦୨୪ ଶସ୍ୟବର୍ଷ ପାଇଁ କେନ୍ଦୁପତ୍ର ତୋଳା ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦୁପତ୍ର ତୋଳିବା ପୂର୍ବରୁ ବିଭାଗ ପକ୍ଷରୁ ଶ୍ରମିକଙ୍କୁ ଗୋଛାକଟା ପାଇଁ ନିୟୋଜିତ କରାଯାଇଥାଏ। ଯାହାକୁ ବୁସ କଟିଂ ମଧ୍ୟ କୁହାଯାଏ। ଏଥିରେ ନିୟୋଜିତ ଶ୍ରମିକମାନେ କେନ୍ଦୁପତ୍ର ଗଛକୁ ଚିହ୍ନଟ କରି ଜଙ୍ଗଲ ଭିତରେ ବୁଦା ସଫା କରନ୍ତି। ଯାହାକି କେନ୍ଦୁପତ୍ର ତୋଳାଳିଙ୍କୁ ପତ୍ର ତୋଳିବାରେ ସାହାଯ୍ୟ କରିଥାଏ। ବୁଦା ସଫା ହେବା ପରେ ବାହାରୁଥିବା କଅଁଳ ପତ୍ରକୁ ତୋଳି ତୋଳାଳିମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିଥାନ୍ତି। ତେବେ ଏହି ବୁଦା ସଫା ଶ୍ରମିକ, କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କୁ ରାଜ୍ୟ ସରକାର କିଛି ବର୍ଷ ହେଲା ସ୍ୱତନ୍ତ୍ର ସୁବିଧା ଦେଇଆସୁଛନ୍ତି। ଫଳରେ ପ୍ରତିବର୍ଷ ଏହି ଶ୍ରମିକଙ୍କ ସଂଖ୍ୟା ବଢ଼ିବା ସହ ପତ୍ର ପରିମାଣ ବଢ଼ିଚାଲିଛି। ସ୍ୱାଭାବିକ ଭାବେ ରାଜସ୍ୱ ମଧ୍ୟ ବୃଦ୍ଧି ପାଉଛି।

ସୂଚନା ଅନୁସାରେ, ଚଳିତବର୍ଷ ଫେବୃୟାରୀ ଶେଷ ସପ୍ତାହରୁ ଜିଲ୍ଲାରେ ଗୋଛାକଟା ଆରମ୍ଭ ହୋଇଛି। ଚଳିତବର୍ଷ ବଲାଙ୍ଗିର ସଦର ଡିଭିଜନରେ



## ଜିଲ୍ଲାର ୩ ଡିଭିଜନ୍‌ରେ ୨ ଲକ୍ଷ ଶ୍ରମଦିବସ ସୃଷ୍ଟି
## ନିୟୋଜିତ ଅଛନ୍ତି ୪୬ ହଜାରରୁ ଅଧିକ ଶ୍ରମିକ

୬୨ ହଜାର ୨୦ ଶ୍ରମଦିବସ ସୃଷ୍ଟି କରାଯାଇଥିବା ବେଳେ ପାଟଣାଗଡ଼ ଡିଭିଜନରେ ୭୧ ହଜାର ଓ ଟିଟିଲାଗଡ଼ ଡିଭିଜନରେ ୬୮ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଏଥିପାଇଁ ବଲାଙ୍ଗିର ସଦର ଡିଭିଜନରେ ୧୬ହଜାର ୯୭୨ଜଣ ଅର୍ଦ୍ଧକୁଶଳୀ ଶ୍ରମିକ ନିୟୋଜିତ କରାଯାଇଛି। ସେହିପରି ପାଟଣାଗଡ଼ ଡିଭିଜନରେ ୧୬ହଜାର ୭୫୧ ଜଣ ଓ ଟିଟିଲାଗଡ଼ ଡିଭିଜନରେ ୧୩ ହଜାର ୪୨ ଜଣ ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଏହି ଶ୍ରମିକଙ୍କ ପାରିଶ୍ରମିକ ୩୯୨ଟଙ୍କା ଦିନପ୍ରତି ରହିଥିବା ବେଳେ ଏହାକୁ ରାଜ୍ୟ ସରକାର ବୃଦ୍ଧି କରି ୫ଶହ ଟଙ୍କା କରିଛନ୍ତି। ଗତ ୧୫ ତାରିଖରୁ ଶ୍ରମିକମାନେ ଏହି ବର୍ଦ୍ଧିତ ପ୍ରାପ୍ୟ ହିସାବରେ ପାରିଶ୍ରମିକ ପାଇବେ। ସେହିପରି ୨୦୨୩ ଶସ୍ୟବର୍ଷରେ ବଲାଙ୍ଗିର ସଦର ଡିଭିଜନରେ ୬୪ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ୧୯ ହଜାର ୭୪୯ ଶ୍ରମିକ ନିୟୋଜିତ ହୋଇଥିଲେ। ପାଟଣାଗଡ଼ ଡିଭିଜନରେ ୭୧ ହଜାର ଶ୍ରମଦିବସ ସୃଷ୍ଟି ହୋଇଥିବା ବେଳେ ୧୭ ହଜାର ୧୬୮ ଶ୍ରମିକ ନିୟୋଜିତ ହୋଇଥିଲେ। ସେହିପରି ଟିଟିଲାଗଡ଼ ଡିଭିଜନରେ ୭୧ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୧୬ ହଜାର ୧୦୦ ଜଣ ଶ୍ରମିକ ନିୟୋଜିତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ୨୦୨୩ରେ ଗୋଛାକଟା ଶ୍ରମିକଙ୍କୁ ପ୍ରାୟ ୭ କୋଟି ୭୦ ଲକ୍ଷ ଟଙ୍କା ଦିଆଯାଇଥିଲା। ତେବେ ପ୍ରାପ୍ୟ ବୃଦ୍ଧି ହୋଇଥିବାରୁ ଏହି କାମ ପାଇଁ ଆହୁରି ଶ୍ରମିକ ବଢ଼ିବେ ବୋଲି ବିଭାଗ ଆଶା ରଖିଛି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୮୫ ପ୍ରତିଶତ ବୁଦା ସଫା ସରିଯାଇଥିବା ବେଳେ ମାର୍ଚ୍ଚ ଶେଷ ଆଡକୁ ଏହା ସମ୍ପୂର୍ଣ୍ଣ ହେବ। ଏହାପରେ ଏପ୍ରିଲରୁ କେନ୍ଦୁପତ୍ର ତୋଳାଳା ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି। ତୋଳାଳିଙ୍କ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି।

# 'ଘରଚଟିଆର ସୁରକ୍ଷା ଲାଗି ସମସ୍ତେ ଧ୍ୟାନ ଦିଅନ୍ତୁ'

**ସିନାପାଲି, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ହାଇସ୍କୁଲ ପରିସରସ୍ଥ ଏନ୍‌ସିସି ଭବନରେ ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ପଖାଳର ଗୁରୁତ୍ୱ ଯେତିକି ରହିଛି ପାରିବାରିକ ସମ୍ପର୍କକୁ ସୁଦୃଢ଼ କରିବାରେ ମଧ୍ୟ ଏହାର ମହତ୍ୱପୂର୍ଣ୍ଣ ଭୂମିକା ରହୁଥିବା ଅଲୋଚକମାନେ ଏ ଅବସରରେ ମତ ପ୍ରକାଶ କରିଥିଲେ। ଏଥିସହ ଘରଚଟିଆ ଦିବସ ଉପଲକ୍ଷେ ଏହି ଟିକି ପକ୍ଷୀର ସୁରକ୍ଷା ଲାଗି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରେଶନାଥ ପାଣିଗ୍ରାହୀ, ଲଳିତ ସୁନାରୀ, ଗୌତମ ମେହେର, ଶିବ ପ୍ରସାଦ ମେହେର, ଚୂଡ଼ାମଣି ମେହେର, ହରେକୃଷ୍ଣ ମେହେର, ସୁବାସ ସାହୁ, ପ୍ରେମାନନ୍ଦ ମେହେର, ରଶ୍ମିରଞ୍ଜନ ସା, ପରମେଶ୍ୱର ମେହେର, ବଂଶୀଧର ଜଗତ ପ୍ରମୁଖ ଯୋଗଦେଇ ପଖାଳ ଦିବସ ମହତ୍ୱ ବିଷୟରେ ନିଜସ୍ୱ ମତ ରଖିଥିଲେ। ଶେଷରେ ରଶ୍ମିରଞ୍ଜନ ସା ଧନ୍ୟବାଦ ଦେଇଥିଲେ।



# ଦେଓଗାଁ ବ୍ଲକ୍: ୧୦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ଦେଓଗାଁ, ୨୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ନୂତନ ଭାବେ ୧୦ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିବା ଜଣାପଡ଼ିଛି। ବ୍ଲକ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୧୦/୨୪ ଅନୁସାରେ କୁତୁର୍ଲା ପଞ୍ଚାୟତରେ ସୌମ୍ୟରଞ୍ଜନ ଗହୀର, ଜରାସିଂହାରେ ଯୋଗେଶ୍ୱର ପଧାନ, ଅର୍ଜୁନପୁର ପଞ୍ଚାୟତରେ ୱାସିମ ଅଖତାର, ସାଲେପାଲିରେ ବନବିହାରୀ ବେଦବାକ, ବଡବନ୍ଧରେ ବିଷ୍ଣୁପ୍ରିୟା ସାହୁ, ବ୍ରାହ୍ମଣୀଯୋରରେ ନିବେଦିତା ଡାଙ୍ଗ, ହାତିସରାରେ ଲିପା ସାହୁ, ସିକୁଆଁରେ ରିଙ୍କି ବାଗ, ଦେଓଗାଁରେ ମାନସ ରଞ୍ଜନ ମେହେର ଓ ଗୁଡଖାପଲା ପଞ୍ଚାୟତରେ ପୁରନ୍ଦର ଭୋଇ ପ୍ରମୁଖ ୧୦ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ସୂଚନା ଦେଇଛନ୍ତି। ପ୍ରକାଶ ଯେ ବର୍ତ୍ତମାନ ୨୬ଟି ପଞ୍ଚାୟତରେ ୧୧ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟରତ ରହିଥିବା ବେଳେ ନୂତନ ୧୦ ଜଣଙ୍କ ଯୋଗଦାନ ପରେ ମଧ୍ୟ ଆହୁରି ୫ଟି ଇଓ ପଦ ଖାଲି ରହିବ ବୋଲି ଜଣାପଡ଼ିଛି।

# ଦିବ୍ୟାଙ୍ଗ ଶ୍ରୀମତୀଙ୍କ ଅଭାବ ଅସୁବିଧା ବୁଝିଲା ଆଦିବାସୀ ସଂଘ

**ଜୟପାଟଣା, ୨୧।୩(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ଗ୍ରାମର ଦିବ୍ୟାଙ୍ଗ ଯୁବତୀ ଶ୍ରୀମତୀ ଶବର(୨୪)ଙ୍କ ଦୁଃଖ କାହାଣୀ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜୟପାଟଣା ବ୍ଲକ ଆଦିବାସୀ ସଂଘ ତାଙ୍କ ପାଖରେ ପହଞ୍ଚିଛି। ତାଙ୍କ ପରିବାର ସହ ଆଲୋଚନା କରି ସହଯୋଗ ତଥା ସରକାରୀ ଯୋଜନାରେ ସାମିଲ କରାଯିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଆଦିବାସୀ ସଂଘର ବ୍ଲକ ସଭାପତି ମନୋଜ ପାତ୍ର, ପୁରୁଷୋତ୍ତମ ମାଝୀ, ବଳଭଦ୍ର ମାଝୀ, ଅବସରପ୍ରାପ୍ତ ଜାତୀୟ ପ୍ରଶାସନିକ ଅଧିକାରୀ ଗଙ୍ଗା ମାଝୀ ପ୍ରମୁଖ ଶ୍ରୀମତୀଙ୍କ ଘରେ ପହଞ୍ଚି ଅଭାବ, ଅସୁବିଧା ବୁଝିଥିଲେ।

୨୦୧୩ରେ ଶ୍ରୀମତୀ ଦଶମ ଶ୍ରେଣୀ ପାସ କରିଛନ୍ତି; କିନ୍ତୁ ଜନ୍ମ ବେଳୁ ତାଙ୍କର ଗୋଟିଏ ହାତ ନ ଥିବା ଯୋଗୁଁ ଇଚ୍ଛାଶକ୍ତି ଥାଇ ମଧ୍ୟ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଗୋଟିଏ ହାତ ଯୋଗୁ ଆଧାର କାର୍ଡ ହେଉନାହିଁ। ଏହାଫଳରେ ଖାଉଟି କାର୍ଡରୁ ମଧ୍ୟ ବାଦ୍ ପଡ଼ିଥିବା ବେଳେ ଅନ୍ୟ ସରକାରୀ ଯୋଜନା ସାତ ସପନ ହୋଇଛି। ଶ୍ରୀମତୀଙ୍କ ଘର ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୨ କିମି ଦୂରରେ ଥିଲେ ମଧ୍ୟ ସେ ଏଯାଏଁ ଅବହେଳିତ ଅବସ୍ଥାରେ ଜୀବନ କାଟୁଛନ୍ତି। ଏ ନେଇ ଖବର ପ୍ରକାଶିତ ହୋଇଥିଲା। ବର୍ତ୍ତମାନ ଶ୍ରୀମତୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ସ୍ଥାନୀୟ ବିଧାୟକ ପ୍ରଦୀପ ଦିଶାରୀ ମଧ୍ୟ ଆଗେଇ ଆସିଛନ୍ତି। ସେ ବିଡ଼ିଓ, ଏମଆଇ ଓ ସାମାଜିକ ମଙ୍ଗଳ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ଏକ କୃତ୍ରିମ ହାତ ମିଳିଲେ ତାଙ୍କ ଦୈନନ୍ଦିର ଜୀବନ ସହଜ ହୋଇପାରନ୍ତା ବୋଲି ଶ୍ରୀମତୀଙ୍କୁ କହିଛନ୍ତି।



- ଜନ୍ମରୁ ହାତ ନ ଥିବାରୁ ଦଶମ ପାସ୍ ସତ୍ତ୍ୱେ ଉଚ୍ଚଶିକ୍ଷାରୁ ବଞ୍ଚିତ
- ଆଧାର କାର୍ଡ ପ୍ରସ୍ତୁତିରେ ସମସ୍ୟା ଉପୁଜୁଛି
- ଖାଉଟି କାର୍ଡରୁ ବାଦ୍ ସହ ଅନ୍ୟ ସରକାରୀ ଯୋଜନା ସାତ ସପନ
- ବ୍ଲକ ମୁଖ୍ୟାଳୟରୁ ମାତ୍ର ୨ କିମି ଦୂରରେ ଥିଲେ ବି ଅବହେଳିତ

# ସ୍କୁଲ ରୋଷେଇ ଗୃହରୁ ଖସୁଛି ସିମେଣ୍ଟ ଅତଡ଼ା

**ସିନାପାଲି, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ନୂଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୋଷେଇ ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଥିରୁ ସିମେଣ୍ଟ ଅତଡ଼ା ଖସୁଛି। ଏହାର ମରାମତି ତଥା ନୂତନ ରୋଷେଇ ଗୃହ ନିର୍ମାଣ ପାଇଁ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ ଓ ସିନାପାଲି ବିଡ଼ିଓ ଅବିନାଶ ଲାକ୍ରାଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ଲିଖିତ ଅଭିଯୋଗ କରିଛନ୍ତି।

ଗୁରୁବାର ରୋଷେଇ କରୁଥିବା ସମୟରେ ବିରାଟ ସିମେଣ୍ଟ ଅତଡ଼ା ଖସି ପଡ଼ିଥିଲା। ଏହି ସମୟରେ ରୋଷେଇ ସାମଗ୍ରୀ ଆଣିବା ପାଇଁ ଷ୍ଟକ୍ ରୁମ୍‌କୁ ଯାଇଥିବାରୁ ପାଚିକା ଓ ସହାୟିକା ଅଳ୍ପକେ ରକ୍ଷା ପାଇଯାଇଛନ୍ତି ବୋଲି କମିଟି ଅଭିଯୋଗ କରିଛି। ଏହି ବିଦ୍ୟାଳୟ ରୋଷେଇ ଗୃହ ବହୁ ପୁରୁଣା ହୋଇଥିବାରୁ ମରାମତି ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହା ଫଳରେ ଗୃହରୁ ଅତଡ଼ା ଖସୁଛି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କଶ୍ୟପ ପ୍ରକାଶ କରିଛନ୍ତି।



ଏହି ବିଦ୍ୟାଳୟଟି ୨୫।୮।୧୯୭୧ ମସିହାରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି। ଏଠାରେ ୧୩୧ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟଟି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ବେଳେ ଆବଶ୍ୟକ ଭିତ୍ତିଭୂମିର ଆବଶ୍ୟକ ରହିଛି। ଏହି ବିଦ୍ୟାଳୟ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପରିଚାଳନା କମିଟିର ସଦସ୍ୟ ଚୈତନ୍ୟ ମାଝି ଅନୁରୋଧ କରିଛନ୍ତି। ତେବେ ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ପାଇଛନ୍ତି। ସିନାପାଲି ବିଡ଼ିଓଙ୍କୁ ମଧ୍ୟ ଅବଗତ କରଛନ୍ତି। ଶୀଘ୍ର ସମାଧାନ କରିବା ପାଇଁ ପ୍ରକାଶ କରିଛନ୍ତି।

## ଅଳ୍ପକେ ବର୍ତ୍ତିଲେ ପାଚିକା ଓ ସହାୟିକା

## ୯, ୭୭୩ କେଜି ଗଞ୍ଜେଇ ଧ୍ୱଂସ

**ବୌଦ୍ଧ, ୨୧।୩ (ସମିସ):** ବୌଦ୍ଧ ଜିଲ୍ଲା ପୁଲିସ ତରଫରୁ ୯, ୭୭୩ କେଜି ୮ ଶହ ଗ୍ରାମ ଗଞ୍ଜେଇ ଧ୍ୱଂସ କରାଯାଇଛି। ଉଚ୍ଚସ୍ତରୀୟ ଡ୍ରଗ ଡିସ୍‌ପୋଜାଲ କମିଟି



ଦ୍ୱାରା ଏହି ବେଆଇନ ଗଞ୍ଜେଇ ନଷ୍ଟ କରାଯାଇଛି। ବୌଦ୍ଧ ଜିଲ୍ଲାରେ ବିଗତ ଦିନରେ ୩୧ଟି ଗଞ୍ଜେଇ ଚୋରାଚାଲାଣ ମାମଲାରେ ପୁଲିସ ଦ୍ୱାରା ଏହି ବେଆଇନ ନିଶାଦ୍ରବ୍ୟ ଜବତ ହୋଇଥିଲା। ଗଞ୍ଜାମ ଜିଲ୍ଲା ଶେରଗଡ଼ର ଅରଖପଡ଼ାସ୍ଥିତ ମେଡ଼ିଏଡ଼ ମାର୍କେଟିଙ୍ଗ ସର୍ଭିସେସ ନାମକ ସଂସ୍ଥାରେ ଏସବୁ ଜବତ ଗଞ୍ଜେଇ ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରାଯାଇ ଧ୍ୱଂସ କରାଯାଇଛି।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ

● ୨ ମାଫିଆ ଗିରଫ

**ଶଗଡ଼ା, ୨୧।୩ (ସମିସ):** ମନମୁଣ୍ଡା ଥାନା ଚିଚେଙ୍ଗ ଗ୍ରାମ ନିକଟରୁ ପୁଲିସ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ଚିଚେଙ୍ଗ ଗ୍ରାମର ରଘୁନାଥ ମହାକୁଡ ଓ ବାମନାବାଦ ଗ୍ରାମର ରଞ୍ଜିତ ମଣ୍ଡଳ। ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ପୁଲିସ ଚଢଉ କରିଥିଲା। ୨ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲା। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ମନମୁଣ୍ଡା ଥାନା ଅଧିକାରୀ ରାମ ମୁର୍ମୁ ସୂଚନା ଦେଇଛନ୍ତି।



### ଆଜି ବିଶ୍ୱ ଜଳ ଦିବସ

# ନର୍ଦ୍ଦମାରେ ପରିଣତ ହୋଇଛି ସୋନପୁରର ଗଙ୍ଗା

**ସୋନପୁର, ୨୧।୩ (ସମିସ)**

ଜଳ ପ୍ରଦୂଷଣ ବିଶ୍ୱବାସୀଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଛିଡା ହୋଇଛି। କିଛି ନଦୀର ଜଳ ଏତେ ମାତ୍ରାରେ ପ୍ରଦୂଷିତ ହେଲାଣି ଯେ ତାହା ବ୍ୟବହାର ଯୋଗ୍ୟ ନୁହେଁ ବୋଲି ପ୍ରମାଣିତ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଦେଇ ପ୍ରବାହିତ ମହାନଦୀ ବିଭିନ୍ନ କାରଣରୁ ଦିନକୁ ଦିନ ପ୍ରଦୂଷିତ ହୋଇ ଚାଲିଛି।

● ଲୋକେ ସ୍ନାନଶୌଚ ଲାଗି ନିରାପଦ ମଣୁ ନାହାନ୍ତି

● ସହରର ଡ୍ରେନ୍ ପାଣି ସିଧାସଳଖ ମହାନଦୀରେ ମିଶୁଛି

● ଅଳିଆଆବର୍ଜନା, ପଲିଥିନ୍ ସହ ରାସାୟନିକ ଦ୍ରବ୍ୟ ପଡୁଛି

● ତେନ୍ତୁଳିଘାଟ, ଆମ୍ବଘାଟ ଏବଂ ଦଶମତୀ ଘାଟ ନିକଟରେ ନର୍ଦ୍ଦମା ମିଶିଛି



ମାର୍ଚ୍ଚ ୨୨କୁ ବିଶ୍ୱ ଜଳ ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଉଛି। ତେଣୁ ଆଜିର ଦିବସରେ ମହାନଦୀର ସ୍ୱଚ୍ଛତା ବଜାୟ ରଖିବା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ଭାବେ ଛିଡା ହୋଇଛି। ତେବେ ଜଳସ୍ତର ହ୍ରାସ, ଜଳର ଅପବ୍ୟବହାର ତଥା ଜଳ ପ୍ରଦୂଷଣ ଏବେ ଚିନ୍ତା ଜନକ ସ୍ଥିତିରେ ପହଞ୍ଚିଛି। ଜୀବ ଜଗତ ପାଇଁ ଜଳର ଆବଶ୍ୟକତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିନଟିକୁ ଜଳ ଦିବସ ରୂପେ ପାଳନ କରାଯାଉଛି।

ସୋନପୁରରେ ମହାନଦୀକୁ ଗଙ୍ଗା ରୂପରେ ପୂଜା କରାଯାଏ। ଏହି ନଦୀ ଜିଲ୍ଲାବାସୀଙ୍କ ଜୀବନ ରେଖା; ହେଲେ କିଛି ବର୍ଷ ହେଲା ଏହି ନଦୀର ପାଣି ଏତେ ମାତ୍ରାରେ ପ୍ରଦୂଷିତ ହୋଇଗଲାଣି ଯେ ବ୍ୟବହାର କରିବା ପାଇଁ ଭୟ ଲାଗୁଛି। କେତେ ସଭ୍ୟତା, ସଂସ୍କୃତି ଓ ଇତିହାସର ସ୍ୱାକ୍ଷର ବହନ କରେ ମହାନଦୀ। ଜିଲ୍ଲାର ହଜାର ହଜାର ପରିବାର ମହାନଦୀ ଉପରେ ନିର୍ଭରଶୀଳ। ଏହି ନଦୀ କୂଳରେ ରହିଛି ପୁଣ୍ୟତୋୟା ପାପକ୍ଷୟ ଘାଟ। ରାମେଶ୍ୱର, ଗୋପାଳଜୀ, ଗୋକର୍ଣ୍ଣେଶ୍ୱର ଆଦି ଠାକୁରଙ୍କ ମନ୍ଦିର ଏହି ନଦୀକୂଳରେ ରହିଛି। ରାମେଶ୍ୱରଠାରେ ପୁଣ୍ୟ ତ୍ରିବେଣୀ ସଙ୍ଗମ ରହିଛି। ଆବହମାନ କାଳରୁ ସ୍ଥାନୀୟ ଲୋକଙ୍କ ମହାନଦୀରେ ସ୍ନାନ କରି ଠାକୁରଙ୍କୁ ଦର୍ଶନ କରିବାର ଅଭ୍ୟାସ ରହିଛି। ତେବେ ମହାନଦୀ ପାଣି ଏବେ ଏଭଳି ପ୍ରଦୂଷିତ ହେଲାଣି ଯେ ବହୁ ଲୋକ ଏଠାରେ ସ୍ନାନ କରିବା ପାଇଁ ନିରାପଦ ମଣୁ ନାହାନ୍ତି। ବିଭିନ୍ନ ସମୟରେ ଏହି ପାଣି ବ୍ୟବହାର କରି ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ସୋନପୁର ସହରର ଡ୍ରେନ ପାଣି ସିଧା ସଳଖ ମହାନଦୀରେ ମିଶୁଛି। ଅଳିଆ, ଆବର୍ଜନା, ପଲିଥିନ୍ ତଥା ରାସାୟନିକ ଯୁକ୍ତ ଦ୍ରବ୍ୟ ନଦୀରେ ସିଧାସଳଖ ମିଶୁଥିବାରୁ ନଦୀ ଜଳକୁ ପ୍ରଦୂଷିତ କରି ଚାଲିଛି। ତେନ୍ତୁଳିଘାଟ, ଆମ୍ବଘାଟ ଏବଂ ଦଶମତୀ ଘାଟ ନିକଟରେ ସହରର ତିନୋଟି ମୁଖ୍ୟ ନାଳ ନଦୀକୁ ସଂଯୋଗ ହୋଇଛି। ଏହି ନାଳ ଦ୍ୱାରା ସାରା ସହରର କୁଢ କୁଢ ଅଳିଆ ଆବର୍ଜନା ପ୍ରତ୍ୟହ ମହାନଦୀକୁ ଛଡା ଯାଉଛି। ତେବେ ଆହୁରି ପରିତାପର ବିଷୟ ଠିକ୍ ଲୋକେ ଶୌଚ ହେଉଥିବା ଦୁଇ ପୁରାତନ ଘାଟ ତେନ୍ତୁଳି ଘାଟ ଏବଂ ରାମେଶ୍ୱର ଘାଟର ଉପର ପଟେ ହିଁ ନାଳ ରହିଛି।

ଏହି ନାଳରେ ଆସୁଥିବା ଅଳିଆ ଆବର୍ଜନା ଯୋଗୁଁ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବେଳେ ବେଳେ ମହାନଦୀ ପାଣିରୁ ଉତ୍କଟ ଗନ୍ଧ ଆସୁଥିବାର ଅଭିଯୋଗ ହେଉଛି। ତେଣୁ ଡ୍ରେନ ପାଣିକୁ ସିଧା ସଳଖ ନଦୀକୁ ନଛାଡି ନଦୀରେ ମିଶିବା ପୂର୍ବରୁ ବିଶୋଧନ କରି ସହରର ତଳ ଅଞ୍ଚଳରେ ଛାଡିବା ପାଇଁ ଦାବି ହେଉଛି। ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରି ସଂରକ୍ଷଣ କରିବାର ସମୟ ଆସିଛି।

### ସେମାନଙ୍କ ମୁହଁରୁ...



ତେନ୍ତୁଳିଘାଟ ନିକଟରେ ଆମ ଘର। ଆମେ ସୋନପୁରିଆ ଲୋକେ ମହାନଦୀକୁ ଛାଡି ବଞ୍ଚି ପାରିବୁ ନାହିଁ। ଗାଧୁଆ ପାଧୁଆ ପାଇଁ ଆମେ ମହାନଦୀ ଉପରେ ନିର୍ଭରଶୀଳ; ହେଲେ ଆମ ଗାଧୁଆ ଘାଟ ନିକଟରେ ଥିବା ନାଳ ଦ୍ୱାରା ସହରର ଅଳିଆ ଆବର୍ଜନା ନଦୀରେ ମିଶୁଛି। ଏହା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମହାନଦୀକୁ ସ୍ୱଚ୍ଛ ରଖିବା ପାଇଁ ସ୍ଥାୟୀ ପ୍ରତିକାର କରାଯାଉ।

**ସିଦ୍ଧାର୍ଥ ସାହୁ, ବଡବଜାର ବାସିନ୍ଦା**



ମହାନଦୀକୁ ନେଇ ବିଭିନ୍ନ ସମୟରେ ତୁମ୍ବି ତୋଫାନ ହେଉଥିଲେ ମଧ୍ୟ ମହାନଦୀ ପାଣିକୁ ସ୍ୱଚ୍ଛ ରଖିବା ପାଇଁ କୌଣସି ଉଦ୍ୟମ ହେଉ ନାହିଁ। ବିଭିନ୍ନ ନାଳ ଦ୍ୱାରା ସହରର ସବୁ ଅଳିଆ ଆବର୍ଜନା ନଦୀରେ ମିଶୁଛି। ଏହି ପାଣି ବ୍ୟବହାର ଦ୍ୱାରା ଲୋକେ ନାନା ସଂକ୍ରାମକ ରୋଗରେ ପଡୁଛନ୍ତି। ତେଣୁ ଡ୍ରେନ୍ ପାଣି ବିଶୋଧନ କରି ନଦୀରେ ଛଡା ଯାଉ।

**ସୀତାଂଶୁ ଶେଖର ମିଶ୍ର, ସ୍ଥାନୀୟ ବାସିନ୍ଦା**



ସୋନପୁରରେ ମହାନଦୀକୁ ଗଙ୍ଗାନଦୀ ବୋଲି ପୂଜା କରାଯାଏ। ତ୍ରିବେଣୀ ସଙ୍ଗମରେ ସ୍ନାନ କରି ରାମେଶ୍ୱରଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୋଇଥାଏ ବୋଲି ଆମର ବିଶ୍ୱାସ ରହିଛି। ଏବେ ମହାନଦୀ ପାଣି ଏତେ ପ୍ରଦୂଷିତ ହୋଇ ଯାଇଛି ଯେ ଗାଧୋଇବା ପାଇଁ ଡର ଲାଗୁଛି। ରାମେଶ୍ୱର ଘାଟର ଉପରେ ମିଶୁଛି ଡ୍ରେନ ପାଣି। ଏହା ଆମକୁ ବ୍ୟଥିତ କରୁଛି।

**ସଚ୍ଚିଦାନନ୍ଦ ଦାଶ, ସ୍ଥାନୀୟ ବାସିନ୍ଦା**

## ରେଳ ବିଭାଗର ଅଜବ ଉତ୍ତର

**ସୋନପୁର, ୨୧।୩ (ସମିସ):** ସମ୍ବଲପୁର-ଗୋପାଳପୁର ନୂଆ ରେଳ ଲାଇନ୍ ସୋନପୁର ଦେଇ ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ଫୋରମ୍‌ରେ ଦାବି କରାଯାଉଛି। ଗତ ଫେବ୍ରୁଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ଅବସରରେ ମଧ୍ୟ ମଞ୍ଚ ପକ୍ଷରୁ ଏହି ଦାବି ଉପସ୍ଥାପନ କରାଯାଇଥିଲା। ମନ୍ଦିରମାଳିନୀ ସୁବର୍ଣ୍ଣପୁରକୁ ଦ୍ୱିତୀୟ ବାରଣାସୀ କୁହାଯାଏ। ମହାନଦୀ, ତେଲନଦୀ ଏବଂ କର୍ପୂର ନଦୀ ସଙ୍ଗମ ସ୍ଥଳରେ ଏହି ସହର ଅବସ୍ଥିତ। ଏହି ପବିତ୍ର ମାଟିରେ ପ୍ରଭୁ ଜଗନ୍ନାଥ ପାତାଳି ହୋଇଥିବାରୁ ସମ୍ବଲପୁର-ଗୋପାଳପୁର ରେଳ ଲାଇନ୍ ସୁବର୍ଣ୍ଣପୁର ଦେଇ ନିର୍ମାଣ ହେଲେ ଏହି ଧାର୍ମିକ ପୀଠକୁ ଗମନାଗମନର ସୁବିଧା ହୋଇ ପାରନ୍ତା। ତେଣୁ କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନସହ ସାମାଜିକ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ସମ୍ବଲପୁର-ଗୋପାଳପୁର ରେଳ ଲାଇନ୍ ସୋନପୁର ଦେଇ ନିର୍ମାଣ ସକାଶେ ଚିଠିରେ ଅନୁରୋଧ କରାଯାଇଥିଲା।

ତେବେ ରେଳ ବିଭାଗ ପକ୍ଷରୁ ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ମିଶ୍ରଙ୍କ ନିକଟକୁ ଉତ୍ତର ଆସିଛି। ଯେଉଁ ଦାବି ଉପସ୍ଥାପନ କରାଯାଇଥିଲା ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ଆସି ବୁଲେଇ ବଙ୍କାଇ ଲେଖା ଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ସମ୍ବଲପୁର-ଗୋପାଳପୁର ରେଳ ଲାଇନ ସମ୍ପର୍କରେ ଲେଖା ଯାଇଥିବା ବେଳେ ଏହି ପତ୍ରରେ ସୋନପୁରରୁ ସମ୍ବଲପୁରକୁ କେଉଁ ରେଳ ସଂଯୋଗ କରୁଛି ତାହା ଲେଖା ଯାଇଛି। ସୋନପୁର-ପୁରୀ ସାପ୍ତାହିକ ଟ୍ରେନ୍ ଏବଂ ସୋନପୁର-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ସମ୍ବଲପୁର ଦେଇ ଯାତାୟତ କରୁଥିବା ଉଲ୍ଲେଖ କରାଯାଇଛି। ଏହା ସହ ସୋନପୁର-ବଲାଙ୍ଗିର ଟ୍ରେନ୍ ସମ୍ପର୍କରେ ମଧ୍ୟ ଲେଖା ଯାଇଛି; ଯାହାର ସମ୍ବଲପୁର ସହ କୌଣସି ସମ୍ପର୍କ ନାହିଁ। ଏହି ଚିଠି ପାଇବା ପରେ ସଚେତନ ନାଗରିକ ମଞ୍ଚର ସଭାପତି ବିସ୍ମୟ ପ୍ରକାଶ କରିବା ସହ ପୁଣି ଏକ ପତ୍ର ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟର ଯୋଗେ ଲେଖା ଯାଇଥିବା ସୂଚନା ଦେଇଛନ୍ତି।

# ରାମେଶ୍ୱର ପ୍ରକଳ୍ପରେ ରହିଛି ବହୁ ସମ୍ଭାବନା

● ଗ୍ରୀଷ୍ମରେ ରହିବନି ପାଣିର ସମସ୍ୟା

● ତ୍ରିବେଣୀ ସଙ୍ଗମରେ ଲାଗିବ ପର୍ଯ୍ୟଟକଙ୍କ ଭିଡ଼

**ସୋନପୁର, ୨୧।୩ (ସମିସ):** ଗ୍ରୀଷ୍ମ ଆରମ୍ଭରୁ ମହାନଦୀ ଶଯ୍ୟା ଶୁଖିଲା ପଡ଼ିଲାଣି। ମାର୍ଚ୍ଚ ମାସ ସରିନି; ବିଭିନ୍ନ ସ୍ଥାନରେ ମହାନଦୀ ପୋଖରୀ ଭଳି ହେଲାଣି। ତେବେ ଏପ୍ରିଲ ଶେଷ ଏବଂ ମେ ମାସରେ ମହାନଦୀ ଶୁଷ୍କ ହୋଇ ଯାଉଥିବାରୁ ନଦୀକୂଳିଆ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ରାମେଶ୍ୱର ସଙ୍ଗମ ନିକଟରେ ଧାର ତୁଟି ଯାଇ ମହାନଦୀ ପୋଖରୀ ଭଳି ଆକାର ଧାରଣ କରେ। ବହୁ ଅସୁବିଧା ଭିତରେ ପବିତ୍ର ସଙ୍ଗମରେ ସ୍ଥାନୀୟ ଲୋକେ ବୁଡ ପକାନ୍ତି। ତେବେ ଏହି ସବୁ ଅସୁବିଧାରୁ ଚିରଦିନ ପାଇଁ ମୁକ୍ତି ଦେବ ରାମେଶ୍ୱର ବା ଖଇରମାଳ ପ୍ରକଳ୍ପ। ମହାନଦୀ ଶଯ୍ୟାରେ ସାରା ବର୍ଷ ପାଣିର ସମସ୍ୟା ରହିବ ନାହିଁ। ଗ୍ରୀଷ୍ମ ଋତୁରେ ବି ରାମେଶ୍ୱର ସଙ୍ଗମ ସମୁଦ୍ର ଭଳି ଦେଖାଯିବ। କିଛି ବର୍ଷ ହେବ ଗ୍ରୀଷ୍ମ ଋତୁରେ ସୋନପୁର ଦେଶର ଉତପ୍ତ ସହର ପାଲଟୁଛି। ରାମେଶ୍ୱର ପ୍ରକଳ୍ପ ଦ୍ୱାରା ସହରର ତାପମାତ୍ରା ବିଶେଷ ଭାବେ ହ୍ରାସ ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜଳ ଧାରଣ କ୍ଷମତା ବୃଦ୍ଧି ପାଇବ। ଏହା ଫଳରେ ମହାନଦୀ କୂଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ। ଜଳସେଚନ ପାଇଁ ଆଉ ପାଣିର ଅଭାବ ରହିବ ନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପ୍ରକଳ୍ପ ଦ୍ୱାରା ଦେଶ ବିଦେଶରୁ ପର୍ଯ୍ୟଟକ ତ୍ରିବେଣୀ ସଙ୍ଗମକୁ ଟାଣି ହୋଇ ଆସିବେ।

ବହୁ ପ୍ରତୀକ୍ଷିତ ରାମେଶ୍ୱର ବହୁମୁଖୀ ପ୍ରକଳ୍ପ ସ୍ଥାନୀୟ



ଅଞ୍ଚଳର ବହୁ ଆଶା ପୂରଣ କରିବ। ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରୁ ପ୍ରାୟ ୩ କିଲୋମିଟର ଦୂର ବୌଦ୍ଧ ଜିଲ୍ଲାର ଖଇରମାଳରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଖୁବ୍ ଶୀଘ୍ର ନୂତନ ଟେଣ୍ଡର ଆହ୍ୱାନ ପାଇଁ ଦାବି କରାଯାଇଛି। ଖଇରମାଳରେ ମହାନଦୀରେ ନିର୍ମାଣ ହେବାକୁ ଥିବା ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଡକାଯାଇ ଥିବା ଟେଣ୍ଡର କୌଣସି କାରଣ ପାଇଁ ବାତିଲ କରାଯାଇ ଥିଲା। ତେବେ ରୂପରେଖରେ ପରିବର୍ତ୍ତନ କରାଯାଉଛି। ଏହା ଚୂଡାନ୍ତ ହେଲେ ପୁଣି ଟେଣ୍ଡର ବାହାରିବ ବୋଲି ତେଲ୍ ଇରିଗେସନ୍ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ କହିଛନ୍ତି। ଶୀଘ୍ର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରି ପ୍ରକଳ୍ପ କାମ ଆରମ୍ଭ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରୁ ୩ କିଲୋମିଟର ଦୂର ବୌଦ୍ଧ ଜିଲ୍ଲାର ଖଇରମାଳରେ ୮୩୦ କୋଟି ୩୬ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟରେ ଏହି ବହୁମୁଖୀ ପ୍ରକଳ୍ପ ନିର୍ମାଣ ହେବ। ଉଭୟ ରାମେଶ୍ୱର ଏବଂ ଗୋଧନେଶ୍ୱର ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ କାମ ହେବ। ଏହି ୨ ପ୍ରକଳ୍ପ ନିର୍ମାଣ ହେଲେ ଜଳର ଠିକ ଉପଯୋଗ ହେବା ସହ ନଦୀରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇବ। ଗ୍ରୀଷ୍ମ ଋତୁରେ ନଦୀ ଶଯ୍ୟା ଶୁଖିବ ନାହିଁ କିମ୍ବା ବର୍ଷା ଦିନେ ବନ୍ୟାର ଭୟ ଦେଖାଦେବ ନାହିଁ। ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଜଳ ସେଚନ, ଜଳ ସଂରକ୍ଷଣ, ମତ୍ସ୍ୟଚାଷ ତଥା ପର୍ଯ୍ୟଟନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଶୀତ ଋତୁରେ ପବିତ୍ର ତ୍ରିବେଣୀ ସଙ୍ଗମରେ ମହାନଦୀ ଚିଲିକା ଭଳି ଦୃଶ୍ୟମାନ ହେବ। ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ବହୁମୁଖୀ ପ୍ରକଳ୍ପ ସହାୟକ ହେବ।

# ମିଡିଆ ସାର୍ଟିଫିକେସନ, ମନିଟରିଂ କମିଟି ଗଠିତ

**ବୌଦ୍ଧ, ୨୧।୩ (ସମିସ)**

ଆଗାମି ସାଧାରଣ ନିର୍ବାଚନ-୨୦୨୪ ପାଇଁ ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏଥିଲାଗି ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ କରାଯାଇଛି। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ସହ ସମସ୍ତ ଦଳ ଏବଂ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ଘୋଷଣା ହେବା ଦିନଠାରୁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ କରିବା ସହ ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ମିଡିଆ ସାର୍ଟିଫିକେସନ୍ ଓ ମନିଟରି କମିଟି(ଏମ୍‌ସିଏମ୍‌ସି) ଗଠନ କରାଯାଇଛି।

ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଏମ୍‌ସିଏମ୍‌ସି ସେଲ୍‌ଫ କାର୍ଯ୍ୟ କରୁଛି। ଏହି ସେଲ୍‌ଫର ମୁଖ୍ୟ କାର୍ଯ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ୍, ପେଡ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଉଲ୍ଲଂଘନ ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନେବା। ଯେକୌଣସି ପଞ୍ଜିକୃତ ରାଜନୈତିକ ଦଳ/ଗୋଷ୍ଠୀ/ସଂଗଠନ/ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସୋସିଆଲ୍ ମିଡିଆ ସମେତ ଇଲେକ୍‌ଟ୍ରୋନିକ୍ ମିଡିଆରେ ରାଜନୈତିକ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ। ପ୍ରାର୍ଥୀମାନଙ୍କର ପ୍ରାକ୍ ସାର୍ଟିଫିକେସନ୍ ଆବେଦନକୁ ଜିଲ୍ଲାସ୍ତରୀୟ ଏମ୍‌ସିଏମ୍‌ସି ଗ୍ରହଣ କରିବା ବେଳେ ପଞ୍ଜିକୃତ ରାଜନୈତିକ ଦଳର ପ୍ରାକ୍ ସାର୍ଟିଫିକେସନ୍ ଆବେଦନକୁ ରାଜ୍ୟସ୍ତରୀୟ ଏମ୍‌ସିଏମ୍‌ସି ଗ୍ରହଣ କରିବ। ପଞ୍ଜିକୃତ ଜାତୀୟ ଓ ରାଜ୍ୟ ଦଳ ଏବଂ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ବିଜ୍ଞାପନ ପ୍ରସାରଣର ପ୍ରସ୍ତାବିତ ତାରିଖର ୩ ଦିନରୁ ଅଧିକ ଦିନ ପୂର୍ବରୁ ଏବଂ ଅନ୍ୟ କୌଣସି ବ୍ୟକ୍ତି ବା ଅଣ ପଞ୍ଜିକୃତ ରାଜନୈକ ଦଳ କ୍ଷେତ୍ରରେ ଏହାର ପ୍ରସ୍ତାବିତ ପ୍ରସାରଣ ତାରିଖର ୭ ଦିନରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବା ଆବଶ୍ୟକ। ପ୍ରାକ୍ ସାର୍ଟିଫିକେସନ୍ ପାଇଁ ପ୍ରସାରିତ ବିଜ୍ଞାପନର ୨ଟି କପି ଇଲେକ୍‌ଟ୍ରୋନିକ୍ ଆକାରରେ ଏବଂ ଉପଯୁକ୍ତ ଆଟେଷ୍ଟେଡ୍ ଟ୍ରାନ୍ସକ୍ରିପ୍ଟ, ବିଜ୍ଞାପନର ଉତ୍ପାଦନ ଖର୍ଚ୍ଚ, ଟେଲିଭିଜନ୍ ଚ୍ୟାନେଲ୍ କିମ୍ବା କେବୁଲ୍ ନେଟୱାର୍କରେ ଏଭଳି ପ୍ରସ୍ତାବିତ ପ୍ରସାରଣର ଅନୁମାନିକ ମୂଲ୍ୟ ଏବଂ ଏହିପରି ପ୍ରତ୍ୟେକ ଥର ପ୍ରସାରଣ ପାଇଁ ଦରର ତାଲିକା ଇତ୍ୟାଦି ଦିଆଯିବ। ଯଦି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କରନ୍ତି ତେବେ ସେହି ବ୍ୟକ୍ତି ଶପଥରେ କହିବେ ଯେ, ଏହା ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରଯୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇ ନାହିଁ। ସମସ୍ତ ଦେୟ ଚେକ୍ କିମ୍ବା ଡ୍ରାଫ୍ଟ ମାଧ୍ୟମରେ କରାଯିବ ବୋଲି ଏକ ବିବୃତ୍ତି କିମ୍ବା ଘୋଷଣାନାମା ଦେବେ। ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୯୫ ଲକ୍ଷ ଟଙ୍କା ଓ ବିଧାନସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୪୦ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଜନ ପ୍ରତିନିଧି ଆଇନ-୧୯୫୧ର ଧାରା ୭୭(୧) ଅନୁସାରେ, ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖଠାରୁ ନିର୍ବାଚନ ଫଳାଫଳ ଘୋଷଣା ତାରିଖ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା କିମ୍ବା ତାଙ୍କ ନିର୍ବାଚନ ଏଜେଣ୍ଟଙ୍କ ଦ୍ୱାରା ହୋଇଥିବା କିମ୍ବା ଅନୁମୋଦିତ ହୋଇଥିବା ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚର ଏକ ପୃଥକ ଏବଂ ଠିକ୍ ହିସାବ ରଖିବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ଖର୍ଚ୍ଚର ବିବରଣୀ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବେ। ବିଧାନସଭା ନିର୍ବାଚନର ୭୫ ଦିନ ଓ ଲୋକସଭା ନିର୍ବାଚନଇ ୯୦ ଦିନ ମଧ୍ୟରେ ସମୁଦାୟ ଖର୍ଚ୍ଚର ଠିକ ବିବରଣୀ ପ୍ରଦାନ କରିବେ। ସମସ୍ତ ଖବର କାଗଜ ଓ ସୋସିଆଲ୍ ମିଡିଆ ସମେତ ଇଲେକ୍‌ଟ୍ରୋନିକ୍ ମିଡିଆକୁ ଯାଞ୍ଚ କରି ଖବର ପ୍ରସାରଣ ଆଳରେ ରାଜନୈତିକ ବିଜ୍ଞାପନ ଠାବ କରିବା ସହ ତା'ର ବାସ୍ତବ ଖର୍ଚ୍ଚକୁ ପ୍ରାର୍ଥୀମାନଙ୍କ ନିର୍ବାଚନ ହିସାବ ଖାତାରେ ଯୋଡ଼ିବା ପାଇଁ ନୋଟିସ୍ ଜାରି କରାଯିବ। ଆବଶ୍ୟକ ସ୍ଥଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥୀଙ୍କ ଦ୍ୱାରା କିମ୍ବା ତରଫରୁ କିମ୍ବା ଷ୍ଟାର ପ୍ରଚାରକ କିମ୍ବା ଅନ୍ୟମାନଙ୍କ ଦ୍ୱାରା ପ୍ରାର୍ଥୀଙ୍କ ନିର୍ବାଚନ ସମ୍ଭାବନାକୁ ପ୍ରଭାବିତ କରିବା ପାଇଁ ପ୍ରଚାର କିମ୍ବା ଆବେଦନ କିମ୍ବା ବିଜ୍ଞାପନ ଏଥିରେ ଅନ୍ତର୍ଭୁକ୍ତ ହେବ। ପ୍ରିଣ୍ଟ ମିଡିଆରେ ଯଦି କୌଣସି ବିଜ୍ଞାପନ ପାର୍ଥୀଙ୍କ ଅସମ୍ମତିରେ ପ୍ରକାଶିତ ହୋଇଥାଏ ତେବେ ଆଇପିସିର ଧାରା ୧୭୧ (ଏଚ୍) ଉଲଂଘନ ପାଇଁ ପ୍ରକାଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଆର୍‌ପି ଆକ୍ଟ-୧୯୫୧ ଧାରା ୧୨୭ (ଏ) ଅନୁଯାୟୀ ସମସ୍ତ ନିର୍ବାଚନୀ ପାମ୍ଫ୍ଲେଟ୍, ପୋଷ୍ଟର, ହ୍ୟାଣ୍ଡବିଲ୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ, ଠିକଣା ଓ ମୁଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତାମୂଳକ। ନାମାଙ୍କନ ପତ୍ରରେ ପ୍ରାର୍ଥୀ ସେମାନଙ୍କର ସୋସିଆଲ୍ ମିଡିଆ ଆକାଉଣ୍ଟ ସମ୍ପର୍କରେ ଉଲ୍ଲେଖ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ




**ବୌଦ୍ଧ, ୨୧।୩ (ସମିସ):** ଛୁଆଁ ଅଛୁଆଁ ମାମଲାରେ ୩ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରି ଧାରଣା ଦେଇଛି ବୌଦ୍ଧ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ। କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ହାଇସ୍କୁଲରେ ଗତ ସରସ୍ୱତୀ ପୂଜା ଦିନ ଜଣେ ଅନୁସୂଚିତ ଜାତିର ଛାତ୍ର ଡାଲି ବାଲଟି ଛୁଇଁ ଦେବା ହେତୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତାହା ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ କରି ଜଣେ ଶିକ୍ଷୟତ୍ରୀଙ୍କୁ ନିଲମ୍ବିତ କରିଥିଲେ; ହେଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ୨ ଜଣ ସହକାରୀ ଶିକ୍ଷକ ମଧ୍ୟ ସମ୍ପୃକ୍ତ ଥିବା ଅଭିଯୋଗ କରି ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲା। ବୌଦ୍ଧ ବସଷ୍ଟାଣ୍ଡଠାରୁ ପରିଷଦର ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଧାରଣାରେ ବସି ନାରାବାଜି କରିଥିଲେ। ପ୍ରାୟ ଏକ ଘଣ୍ଟା ଧାରଣାରେ ବସିବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ପୁଲିସ ସୁରକ୍ଷାରେ ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ବର୍ତ୍ତମାନ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗିଛି। ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିଷଦର ସଦସ୍ୟମାନେ ଧାରଣାରୁ ଉଠିଥିଲେ।

